**ଚୋରି ସାମଗ୍ରୀ ଜବତ, ଅଭିଯୁକ୍ତ ଗିରଫ**

**କଳିଙ୍ଗନଗର,(ଶୁଭାଶିଷ ରାଉତ ):** ଦାନଗଦି ଫାଣ୍ଡି ଅଞ୍ଚଳରୁ ଚୋରି ହୋଇଥିବା ସାମଗ୍ରୀକୁ ପୋଲିସ ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ହେଲେ ଦାନଗଦିର ଦ୍ରୋଣ ପ୍ରକାଶ ମହାକୁଡ଼ ଓରଫ୍ ଦିନେଶ। ଗତ ୧୧ ତାରିଖରେ ତ୍ରିଜଙ୍ଗା ବିସ୍ଥାପିତ କଲୋନୀର ସୁନାରାମ ମାରାଣ୍ଡିଙ୍କ ଘରୁ ଦୁଇ ଗ୍ୟାସ ସିଲିଣ୍ଡର ସମେତ ବହୁ ରୋଷେଇ ସାମଗ୍ରୀ ଚୋରି ହୋଇଥିଲା। ସୁନାରାମ ୧୯ ତାରିଖରେ ଏନେଇ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଏକ ମାମଲା ନଂ.୬୩୪/୨୩ ରୁଜୁ ହୋଇଛି।

## ସଂକ୍ଷେପରେ

### ଚୋରି ଅଭିଯୋଗରେ ଯୁବକଙ୍କୁ ମାଡ଼

**କାଏମା,୨୨।୧୨(ଶିବପ୍ରସାଦ ମହାନ୍ତି)**

ଧର୍ମଶାଳା ଥାନା ଅନ୍ତର୍ଗତ ବଡ଼କାଏମା ପଞ୍ଚାୟତର ସ୍କୁଲ କେନାଲ ପୋଲ ନିକଟରେ ଶୁକ୍ରବାର ମଧ୍ୟାହ୍ନରେ ସାଇକେଲ ଚୋରି ଅଭିଯୋଗରେ ଜଣେ ଯୁବକଙ୍କୁ ନିଘୁଞ୍ଚ ମାଡ଼ ମରାଯାଇଛି। ସୂଚନା ମୁତାବକ, ଜାରକା ଅଞ୍ଚଳରେ ଥିବା ଫୌଜ ହିନ୍ଦ ଶିକ୍ଷାକେନ୍ଦ୍ର ବାହାରୁ ବୁଧବାର ଉତ୍ତରପ୍ରତାପ ପଞ୍ଚାୟତ ଜଳେଶରପୁର ଗ୍ରାମର ଯୁକ୍ତ ୩ ଛାତ୍ରୀ ଜ୍ୟୋତିର୍ମୟୀ ଦାସଙ୍କ ସାଇକଲ ଚୋରି ହୋଇଥିଲା। ଶିକ୍ଷାକେନ୍ଦ୍ରରେ ଲାଗିଥିବା ସିସିଟିଭି କ୍ୟାମେରାରେ ଚୋରି କରୁଥିବା ଯୁବକଙ୍କ ଚେହେରା କଏଦ ହୋଇଥିଲା। ସେ ଫୋଟୋକୁ ଛାତ୍ରୀ ମୋବାଇଲରେ ରଖିଥିଲେ। ଶୁକ୍ରବାର ଛାତ୍ରୀ ଶିକ୍ଷାକେନ୍ଦ୍ରରୁ ସାଙ୍ଗଙ୍କ ସହ ଘରକୁ ଫେରୁଥିବା ବେଳେ ସମ୍ପୃକ୍ତ ଯୁବକଙ୍କୁ କାଏମା ସ୍କୁଲ ନିକଟ କେନାଲ ପୋଲ ପାଖରେ ଯାଉଥିବା ଦେଖି ତାଙ୍କୁ ଅଟକାଇ ନାମ ପଚାରିଥିଲେ। ଯୁବକ ଜଣଙ୍କ ଦୌଡ଼ି ପଳାଇବା ପାଇଁ ଚେଷ୍ଟା କରୁଥିଲାବେଳେ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରି ପଚରା ଉଚରା କରିବା ସହ ମାଡ଼ ମାରିଥିଲେ। ପରେ ଯୁବକ ଜଣଙ୍କ ସାଇକଲ ଚୋରି କରିଥିବା ସ୍ୱୀକାର କରିଥିଲେ। ଏହି ଘଟଣାକୁ ନେଇ ଉକ୍ତ ସ୍ଥାନରେ ଭିଡ଼ ଜମିଥିଲା। ଖବର ପାଇ ଧର୍ମଶାଳା ଥାନା ଅଧିକାରୀ ଏଏସ୍ଆଇ ବିଜୟ ବେହେରାଙ୍କୁ ପଠାଇ ଯୁବକଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲେ। ଯୁବକଙ୍କ ଘର କାଏମା ଅଞ୍ଚଳର ବୋଲି ଶୁଣିବାକୁ ମିଳିଛି। ସେ ପୂର୍ବରୁ ମଧ ସ୍ଥାନୀୟ ଅଞ୍ଚଳରେ ଏହିପରି ଅନେକ ଚୋରିରେ ସଂପୃକ୍ତ ଥିବା ସୂଚନା ମିଳିଛି।

### ମନ୍ମଥ, ଗିରିଧାରୀ ମେମୋରିଆଲ କ୍ରିକେଟ: ଫାଇନାଲରେ ବଡ଼ଚଣା, ପାଇକରାପୁର

**ଛଡିଆ,୨୨।୧୨(ସୌମ୍ୟରଞ୍ଜନ ସାହୁ)**

ବଡ଼ଚଣା ବ୍ଲକ ଅଧୀନ ଛଡିଆ ଅମରାବତି କ୍ରିକେଟ୍ ପଡ଼ିଆରେ ପାଟଣା କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ମନ୍ମଥ, ଗିରିଧାରୀ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ବଡ଼ଚଣା ଓ ଅନନ୍ତଗୋପାଳ କ୍ରିକେଟ କ୍ଲବ ପାଇକରାପୁର ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ଚୌଦ୍ୱାର ଏବଂ ବଡ଼ଚଣା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବଡ଼ଚଣା ଦଳ ଚୌଦ୍ୱାରକୁ ୪ ଉଇକେଟରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲରେ କଟକକୁ ୭୭ ରନରେ ହରାଇ ପାଇକରାପୁର ଫାଇନାଲରେ ପ୍ରବେଶ କରିଥିଲା। ଦିତୀୟ ସେମି ଫାଇନାଲ ମ୍ୟାଚ୍‌ରେ ପାଇକରାପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୧୮୪ ରନ କରିଥିଲା। କଟକ ଦଳ ୧୦୮ ରନ କରି ୧୭ ଓଭରରେ ସମସ୍ତ ଉଇକେଟ ହରାଇଥିଲା। ରବିବାର ଫାଇନାଲ ମ୍ୟାଚ ଆୟୋଜିତ ହେବ।

### ଘରୁ ଟଙ୍କା, ସୁନା ଲୁଟିଲେ ଦୁର୍ବୃତ୍ତ

**ଯାଜପୁରରୋଡ୍,୨୨।୧୨(ପବିତ୍ର ରଞ୍ଜନ ମହାନ୍ତି)**

ଯାଜପୁରରୋଡ୍ ଥାନା ବ୍ୟାସନଗର ନୀଳାଚଳ କଲୋନୀରୁ ଗୁରୁବାର ରାତିରେ ଲୁଟ୍ ହୋଇଛି। ଦୁର୍ବୃତ୍ତ ଜଣଙ୍କ ଘରର ଝରକା ତାଡ଼ି ଘରେପସି ଆଲମାରୀ ଭାଙ୍ଗି ଲକ୍ଷାଧିକ ଟଙ୍କା ଓ ୧୦ ଲକ୍ଷରୁ ଅଧିକ ଟଙ୍କାର ସୁନାଗହଣା ଚୋରିକରି ନେଇଛନ୍ତି। ଏନେଇ ଘରମାଲିକ ଦୀପକ ଚୌଧୁରୀ ଶୁକ୍ରବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ ଘଟଣାସ୍ଥଳରେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ କରିଛନ୍ତି। ପରିବାର ଲୋକ ପାଖ ସୋଇଥିବାବେଳେ ଏହି ଘଟଣା ଘଟିଥିଲା। ଘରମାଲିକ ଜଣେ ଟାଟା ପାୱାର କର୍ମଚାରୀ। ସେ ବିଦ୍ୟୁତ ବିଲ ଆଦାୟ ଟଙ୍କା ବ୍ୟାଙ୍କରେ ଜମା ପାଇଁ ରଖିଥିଲେ ବୋଲି କହିଛନ୍ତି। ଏନେଇ ଥାନାରେ ନଂ.୬୩୯/୨୩ରେ ଏକ ମାମଲା ରୁଜୁ ହୋଇଛି।

### ଧର୍ମ ପରାୟଣା ମହିଳାଙ୍କ ପରଲୋକ

**କାଳିଆପାଣି,୨୨।୧୨(ଅସିତ ମହାନ୍ତ)**

ସୁକିନ୍ଦା ବ୍ଲକ୍ ଅଧୀନ କୁହିକା ପଞ୍ଚାୟତ ବାମ୍ଫିଲୋ ଗ୍ରାମର ଧର୍ମପରାୟଣା ମହିଳା ଲକ୍ଷ୍ମୀପ୍ରିୟା ନାୟକ(୮୮)ଙ୍କ ଗୁରୁବାର ପରଲୋକ ହୋଇଯାଇଛି। ମରଶରୀର ନିକଟରେ ତାଙ୍କ ପରିବାର ଲୋକେ ଉପସ୍ଥିତ ଥିଲେ। ନାମ ସଂକୀର୍ତ୍ତନ ମାଧ୍ୟମରେ ଗ୍ରାମ ପରିକ୍ରମା କରାଯିବା ପରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଅମଳ ପୂର୍ବରୁ ଶୁଖିଗଲା ଚାଷଜମି

**ଯାଜପୁର,୨୨।୧୨(ହର୍ଷବର୍ଦ୍ଧନ ବେହେରା)**

ଗତ ଏକ ସପ୍ତାହ ମଧ୍ୟରେ ଯାଜପୁର ଜିଲାର ଦାନଗଦୀ ବ୍ଲକ ଅନ୍ତର୍ଗତ ତେଲିବାହାଳି ଗାଁର ପ୍ରାୟ ୪୦ ଏକର ଚାଷ ଜମି ଫସଲ ଅମଳ ହେବା ପୂର୍ବରୁ ଉପରମୁଣ୍ଡରେ ଥିବା ୩ ଶିଳ୍ପ କାରଖାନାର ବିଷାକ୍ତ ପାଣି ଦ୍ୱାରା ଶୁଖି ଯାଇଥିବା ଅଭିଯୋଗ ହୋଇଛି। ଏଥିରେ ଉଭୟ ଚାଷୀ ଏବଂ ଭାଗ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ଏହାପରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ର କଳିଙ୍ଗନଗର ଆଞ୍ଚଳିକ କାର୍ଯ୍ୟାଳୟର ବୈଜ୍ଞାନିକମାନେ ଶୁକ୍ରବାର ଘଟଣାସ୍ଥଳ ପରିଦର୍ଶନ କରି ଜଳ ନମୁନା ସଂଗ୍ରହ କରିବା ସହ ପରୀକ୍ଷା ପାଇଁ ପଠାଇଥିବା ସୂଚନା ମିଳିଛି।

ପ୍ରାୟ ଏକ ଦଶନ୍ଧି ହେବ ଯଖପୁରା ଥାନା ଅଞ୍ଚଳରେ ଥିବା ୩ ପ୍ରମୁଖ ଶିଳ୍ପ କାରଖାନାର ବର୍ଜ୍ୟପାଣି ଗଣ୍ଡାନାଳ ଦେଇ ବ୍ରାହ୍ମଣୀ ନଦୀ ପାଣିକୁ ବିଷାକ୍ତ କରୁଛି। ଖୋଦ୍ ଏସ୍‌ପିସିବିର ବିଶେଷଜ୍ଞ ଦଳଙ୍କ ରିପୋର୍ଟ ଏହା ଦର୍ଶାଇ ଆସୁଥିବାବେଳେ ସମ୍ପୃକ୍ତ ଶିଳ୍ପସଂସ୍ଥାଗୁଡିକୁ କେବଳ ନୋଟିସେ ଦେବାରେ ପଦକ୍ଷେପ ସୀମିତ ରହିଛି। ପ୍ରଦୂଷିତ ଜଳର ଉପଚାର କରିବାକୁ ସିଇଟିପି(କମନ ଇଫ୍ଲୁଏଣ୍ଟ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ) ସ୍ଥାପନ ହୋଇପାରିନାହିଁ। ଏହାବାଦ୍ ୮ ବର୍ଷ ହେବ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସିଇଟିପି ସ୍ଥାପନ କରିବାକୁ ସରକାର ପଛଘୁଞ୍ଚା ଦେଇଚାଲିଛନ୍ତି। ଫଳରେ ଜଳ ପ୍ରଦୂଷଣ ଜ୍ୱାଳାରେ ଚାଷୀକୁଳ ଅତିଷ୍ଠ ହେଉଛନ୍ତି ବୋଲି ମତପ୍ରକାଶ ପାଇଛି। ଏହି କ୍ରମରେ ତେଲିବାହାଳି ଗାଁର ଚାଷୀଙ୍କ ବର୍ଷକର ଆହାରକୁ ବିଷାକ୍ତ ପାଣି ଭସାଇ ଦେଇଛି। ଅଭିଯୋଗ ଅନୁସାରେ ଚାଷୀ ଓ ଭାଗଚାଷୀ ରାମଚନ୍ଦ୍ର ଜେନାଙ୍କ ସାଢେ ୪ ଏକର ଧାନ ଜମି ଉଜୁଡିଯାଇଥିବା ବେଳେ ବିଷ୍ଣୁ ଚରଣ ସାହୁଙ୍କ ୨ ଏକର, ଗୋବିନ୍ଦ ଚନ୍ଦ୍ର ଜେନାଙ୍କ ସାଢେ ୩ ଏକର, ନିତ୍ୟାନନ୍ଦ ଜେନାଙ୍କ ୨ ଏକର, ରେକଣ୍ଡା ମୁଣ୍ଡାଙ୍କ ଦେଢ ଏକର, ରବୀନ୍ଦ୍ର ଦାସଙ୍କ ସାଢେ ୪ ଏକର, ଜଗବନ୍ଧୁ ସାହୁଙ୍କ ସାଢେ ୭ ଏକର, ପୁନିଆଁ ମୁଣ୍ଡାଙ୍କ ୫ ଏକର, ରସିକ ମୁଣ୍ଡା, ଟୁକୁନା ମୁଣ୍ଡା ଓ ଯୋଗେନ୍ଦ୍ର ଦାସଙ୍କ ୩ ଏକର ଲେଖାଏ ମିଶାଇ ମୋଟ୍ ୪୦ ଏକର ଧାନ ଫସଲ ନଷ୍ଟ ହୋଇଯାଇଛି। ଏମାନେ ସବୁ ଧାର କରଜ କରି ଧାନ ଚାଷ କରିଥିବା ବେଳେ ଏବେ ଚାଷୀମାନେ କାନ୍ଦୁଥିବା ଦେଖିବାକୁ ମିଳିଛି। ଚାଷୀ ରାମଚନ୍ଦ୍ର ଜେନା ଅତିଷ୍ଠ ହୋଇ ଉଜୁଡି ଯାଇଥିବା ତାଙ୍କ ସାଢେ ୪ ଏକର ଜମି ଫସଲରେ ନିଆଁ ଲଗାଇ ଦେଇଥିବା ସୂଚନା ମିଳିଛି। କ୍ଷତିଗ୍ରସ୍ତ ଚାଷୀମାନଙ୍କ କହିବା ଅନୁଯାୟୀ ପୂର୍ବରୁ ଏହି କାରଖାନାଗୁଡିକ ବିଷାକ୍ତ ପାଣିକୁ ଏହି ଧାନ କ୍ଷେତ ଦେଇଛାଡ଼ିଥାନ୍ତି। ପରେ ବିଷାକ୍ତ ଜଳଗୁଡିକ ଧାନ କ୍ଷେତରୁ ଗଡ଼ିଯାଇ ସାତବାଇଁଶିଆ ନାଳ ଦେଇ ଗଣ୍ଡାନାଳରେ ମିଶିଥାଏ। କିନ୍ତୁ ଗତ ବର୍ଷ କିଛି ଚାଷ ଜମି ବିକ୍ରିହେବା ସହ ପ୍ଲଟିଂ କରାଯିବାରୁ ସାତବାଇଁଶିଆ ନାଳ ପୋତି ହୋଇଯାଇଛି। ଫଳରେ କାରଖାନାଗୁଡ଼ିକ ଛାଡୁଥିବା ବର୍ଜ୍ୟଜଳ ସବୁ ଗଣ୍ଡାନାଳକୁ ପ୍ରବାହିତ ହୋଇ ନ ପାରି ଚାଷ ଜମିରେ ରହୁଛି। ଫଳରେ ବର୍ଷକର ଧାନ ଚାଷ ଉଜୁଡିଯାଇଥିବା ଅଭିଯୋଗ ହୋଇଛି। ଏହାର କ୍ଷତିପୂରଣ ପ୍ରଦାନ ନ କଲେ ଆତ୍ମହତ୍ୟା କରିବାକୁ ବାଧ ହେବେ ବୋଲି କ୍ଷତିଗ୍ରସ୍ତ ଚାଷୀମାନେ କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଶିଳ୍ପ କାରଖାନା କର୍ତ୍ତୃପକ୍ଷଙ୍କୁ ଟୋପାଏ ବର୍ଜ୍ୟଜଳ ବାହାରକୁ ନ ଛାଡ଼ିବାକୁ ଏସ୍‌ପିସିବି କଡ଼ା ଚେତାବନୀ ଦେଇଥିବାବେଳେ କଳିଙ୍ଗନଗରରେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳିଛି। ବର୍ଜ୍ୟଜଳର ଉପଯୁକ୍ତ ଭାବେ ଉପଚାର ନ କରି ବାହାରକୁ ଛଡ଼ାଯାଉଥିବାରୁ ଚାଷ ଜମି କ୍ଷତିଗ୍ରସ୍ତ ହେବା ସହ ପ୍ରଦୂଷଣ ଉତ୍କଟ ହେଉଥିବା ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଏସ୍‌ପିସିବି କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଅଭିଯୋଗ ଅନୁସାରେ କାରଖାନା ପାଣି ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ରିପୋର୍ଟ ଆସିବା ପରେ ଆବଶ୍ୟକକାର୍ଯ୍ୟାନୁଷ୍ଠାନଗ୍ରହଣକରାଯିବ।



ତେଲିବାହାଳି ଅଞ୍ଚଳରେ ନଷ୍ଟ ହୋଇଥିବା ଚାଷଜମି।

**୩ କାରଖାନାର ବିଷାକ୍ତ ଜଳର ପ୍ରଭାବ**

■ ଜଳ ନମୁନା ସଂଗ୍ରହ କରିଛି ଏସ୍‌ପିସିବି

# ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମରେ କ୍ରୀଡ଼ା ପ୍ରତିଯୋଗିତା



ବଡ଼କାଏମାଠାରେ ଅତିଥି ଖେଳାଳିଙ୍କ ସହିତ ପରିଚିତ ହେଉଛନ୍ତି।

**ଧର୍ମଶାଳା/କାଏମା,୨୨।୧୨ (ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି)**

ଧର୍ମଶାଳା ବ୍ଲକ ପକ୍ଷରୁ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଶୁକ୍ରବାର ଗଡ଼ମଧୁପୁର ଓ ବଡ଼କାଏମା ଖେଳ ପଡ଼ିଆରେ କ୍ରିକଟ ମ୍ୟାଚ ଉଦ୍‌ଘାଟିତ ହୋଇଯାଇଛି। ଗଡ଼ମଧୁପୁର ଖେଳ ପଡ଼ିଆରେ ଅନୁଷ୍ଠିତ ମ୍ୟାଚ୍‌କୁ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବଡ଼କାଏମା ଖେଳପଡିଆରେ ଅନୁଷ୍ଠିତ ମ୍ୟାଚ୍‌କୁ ଯାଜପୁର ପ୍ରକଳ୍ପ ନିର୍ଦ୍ଦେଶକ ତଥା ଜିଲା ପରିଷଦ ଅଧିକାରୀ ଅଶୋକ ବେହୁରିଆ ଓ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ, ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଗଡ଼ମଧୁପୁର ଖେଳପଡ଼ିଆରେ ୧୬ ଟିମ୍ ଅଂଶଗ୍ରହଣ କରିଥିଲେ। ଖେଳରେ ବରମୁଣ୍ଡୁଲି କ୍ରିକେଟ କ୍ଲବ, ମା’ ମଙ୍ଗଳା କ୍ରିକେଟ କ୍ଲବ, ଧବଳ କ୍ରିକେଟ କ୍ଲବ, ରାଧା ମୋହନ କ୍ରକେଟ କ୍ଲବ, ଶୋଲେଇ କ୍ରକେଟ କ୍ଲବ, ବିସିସି ତରଞ୍ଜିଆ ଓ ମାଡ଼ ପୋବଲେଇ କ୍ରକେଟ କ୍ଲବ ବିଜୟୀ ହୋଇଥିଲେ। ଖେଳକୁ ନିକୁଞ୍ଜ ବେହେରା, ମୃତ୍ୟୁଞ୍ଜୟ ବରାଳ, କାର୍ତ୍ତିକ ଗୁରୁ ଓ ତ୍ରିଲୋଚନ ବିଶ୍ୱାଳ ପରିଚାଳନା କରିଥିଲେ। ବଡ଼କାଏମାଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ୧୬ ଟିମ୍ ଅଂଶଗ୍ରହଣ କରିଥିଲେ। ଏଥିରେ ରାଖିପାଟଣା ଚ୍ୟାଲେଞ୍ଜ ଇଲେଭେନ, କେଡିଏମ ଉତ୍ତରପ୍ରତାପ, ରାଖିପାଟଣା କ୍ରିକେଟ କ୍ଲବ, ମା’ ମଙ୍ଗଳା କ୍ରିକେଟ ଟିମ, ରାୟବାହାଦୁର କ୍ରିକେଟ ଟିମ, ଅରେଇକଣା କ୍ରିକେଟ କ୍ଲବ, ରାଇଜିଂଷ୍ଟାର ୟୁଥ କ୍ଲବ, ଉଦୟବ୍ରତ କ୍ରିକେଟ ଟିମ ପ୍ରମୁଖ ବିଜୟୀ ହୋଇଥିଲେ। ଖେଳକୁ ନାରାୟଣ ପାଳ ଓ ଇନ୍ତେକାବ ଆଲମ ପରିଚାଳନା କରିଥିଲେ। ଶନିବାର ଜେନାପୁର ହାଇସ୍କୁଲ ଖେଳ ପଡିଆରେ ଉଭୟ ମହିଳା ଓ ପୁରୁଷ ଦଳ ଖୋଖୋ, କବାଡି ଏବଂ ପୁରୁଷ ଫୁଟବଲ ଖେଳ ଅନୁଷ୍ଠିତ ହେବ। ଧର୍ମଶାଳା ମହାବିଦ୍ୟାଳୟ ଖେଳପଡିଆରେ ପୁରୁଷ ବିଭାଗ ଭଲିବଲ ଅନୁଷ୍ଠିତ ହେବ ବୋଲି ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ସୂଚନା ଦେଇଛନ୍ତି।

## ରାଜ୍ୟସ୍ତରୀୟ କୋଟପୁର ପ୍ରିମିୟର ଲିଗ କ୍ରିକେଟ୍ ଉଦ୍‌ଘାଟିତ

**ଧର୍ମଶାଳା,୨୨।୧୨(ବଟକୃଷ୍ଣ ପରିଡ଼ା)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ କୋଟପୁର ପଞ୍ଚାୟତ ଯୁବକ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଜାଗୁଲାଇ ଖେଳପଡ଼ିଆରେ କୋଟପୁର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। କୋଟପୁର ଫାଣ୍ଡି ଅଧିକାରୀ ପ୍ରେମାନନ୍ଦ ପୃଷ୍ଟି ଓ ଜାଗୁଲାଇ ହାଇସ୍କୁଲ୍ ପ୍ରଧାନଶିକ୍ଷକ ଅଜୟ ସାହୁ ଅତିଥି ଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ସ୍କାନ୍ କ୍ରିକେଟ କ୍ଲବ ଭୁବନେଶ୍ୱର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରୁ ୨୧.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୪୭ ରନ କରିଥିଲା। ଦଳ ପକ୍ଷରୁ ସୋମ୍ୟଶ୍ରୀ ଚନ୍ଦନ ୩୨ରନ ଓ ପ୍ରତ୍ୟୁସ ରାଉତରାୟ ୩୨ ରନ କରିଥିଲେ। ବିପକ୍ଷ ପାୟୋନିଅର କ୍ରକେଟ କ୍ଲବ ପୁରୀର ଅଭୟ ପଟ୍ଟନାୟକ ୩ ଉଇକେଟ ନେଇଥିଲେ। ଜବାବରେ ପାୟୋନିୟର ଟିମ ବ୍ୟାଟିଂ କରି ୨୩.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୩୩ରନ କରି ପରାଜିତ ହୋଇଥିଲା। ଭୁବନେଶ୍ୱର ଟିମ୍‌ର ଆଶିଷ ରଥ ୪ ଉଇକେଟ ଅକ୍ତିଆର କରିଥିଲେ। ଖେଳକୁ ବଳୟ ରଞ୍ଜନ ଜେନା ଓ ପ୍ରଭାତ ଜେନା ପିଚାଳନା କରିଥିଲେ। ଶନିବାର ୟୁନାଇଟେଡ କ୍ଲବ କଟକ ଓ ନିମପୁର କ୍ରିକେଟ କ୍ଲବ ଜଗତପୁର ମଧ୍ୟରେ ମ୍ୟାଚ୍ ହେବ ବୋଲି ଆୟୋଜକ କ୍ଲବର ସଂଯୋଜକ ସ୍ୱରାଜ୍ୟ କେତନ ଜେନା ସୂଚନା ଦେଇଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com




@ ରଞ୍ଜନ




@ ନସିମ



@ ମାମୁନି



@ ନିର୍ମଳ



@ ପୁରୁଷୋତ୍ତମ



@ମୁନା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କଲେ ବିଧାୟିକା



ମିନି ଷ୍ଟାଡ଼ିୟମ ଉଦ୍‌ଘାଟନୀ ଉତ୍ସବରେ ବିଧାୟିକା ଏବଂ ଅନ୍ୟମାନେ।

**ବରୀ,୨୨।୧୨(ମହେନ୍ଦ୍ର ସ୍ୱାଇଁ)**

ବରୀ ବ୍ଲକ୍ ଅନ୍ତର୍ଗତ ଅଙ୍ଗାଳ ପଞ୍ଚାୟତରେ ଶୁକ୍ରବାର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବିଧାୟିକା ସୁନନ୍ଦା ଦାସ ଯୋଗଦେଇ ବିଧାୟିକାଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠି ଅନୁଦାନରେ ସରକାରୀ ଉଚ୍ଚ ବିଦ୍ୟାଳୟ ଶ୍ରେଣୀଗୃହ, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଅଙ୍ଗାଳ ହନୁମାନ ଛକଠାରୁ ବୋଇତାଲୁ ପାଟଣା ରାସ୍ତା, ଅଙ୍ଗାଳ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତୀକରଣ, ଲଛମନବାଲାଜୀଉ ମହାବିଦ୍ୟାଳୟ ରାସ୍ତା ଉନ୍ନତୀକରଣ, ମହାବିଦ୍ୟାଳୟ ପରିସରରେ କମର୍ସ ଛାତ୍ରୀଛାତ୍ରଙ୍କ ଅଧ୍ୟୟନ ନିମନ୍ତେ ଗୃହ ନିର୍ମାଣ ଏବଂ ମହାବିଦ୍ୟାଳୟ ପରିସରରେ ମିନି ଷ୍ଟାଡିୟମକୁ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ବିଡିଓ ପଞ୍ଚାନନ ମଲିକ, ବ୍ଲକ୍ ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକ, କନିଷ୍ଠ ଯନ୍ତ୍ରୀ ରାକେଶ ମଲିକ, ସ୍ଥାନୀୟ ସରପଞ୍ଚ ଶକୁନ୍ତଳା ମଲିକ, ଗମ୍ଭୁ ସରପଞ୍ଚ ଜଗଦୀଶ ଜେନା, ସମିତିସଭ୍ୟ ଜ୍ୟୋତ୍ସ୍ନାରାଣୀ ସେଠୀ ଓ ହରିହର ପଣ୍ଡାଙ୍କ ସମେତ ମହାବିଦ୍ୟାଳୟ ଏବଂ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

## ଆକ୍ରମଣ ଘଟଣାରେ ୩ ଗିରଫ

**ଚଣ୍ଡିଖୋଲ,୨୨।୧୨(ପ୍ରଦୀପ୍ତ କୁମାର ପୃଷ୍ଟି)**

ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବାଲିଚନ୍ଦ୍ରପୁର ବଜାରରେ ଗତ ବୁଧବାର ବ୍ୟବସାୟୀ ବାପପୁଅଙ୍କୁ ଆକ୍ରମଣ ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ଅନ୍ତର୍ଗତ ମାଣ୍ଡୁକା ଗ୍ରାମର ଶିଶିର ଦଳେଇ, ପଞ୍ଚାନନ ଦଳେଇ ଓ ଦୀନବନ୍ଧୁ ଦଳେଇ। ଅଭିଯୋଗ ଅନୁଯାୟୀ, ବାଲିଚନ୍ଦ୍ରପୁର ବଜାରରେ ବ୍ୟବସାୟ କରୁଥିବା ଏହି ଥାନା ରୁକୁଟିପାଟ ଗ୍ରାମର ସୌମ୍ୟରଞ୍ଜନ ଜେନାଙ୍କ ଫଳ ଦୋକାନରେ ଫଳ କିଣିବାକୁ ନେଇ ସମ୍ପୃକ୍ତ ଯୁବକମାନେ ଗଣ୍ଡଗୋଳ କରିଥିଲେ। ଏଥିସହିତ ସୌମ୍ୟ ଓ ତାଙ୍କ ବାପା ପତିତପାବନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଉଭୟ ବାପପୁଅ ଗୁରୁତର ହୋଇଥିଲେ। ଏନେଇ ପତିତପାବନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୪୪୦/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ବୋଲି ଥାନା ଅଧିକାରୀ ପ୍ରମୋଦିନୀ ସାହୁ ସୂଚନା ଦେଇଛନ୍ତି।

# ମରାମତି ନ କରି ୧ ଲକ୍ଷ ଆତ୍ମସାତ୍ ଉଦ୍ୟମ

**କୋରେଇ ବ୍ଲକ କାର୍ଯ୍ୟାଳୟ ପଛରେ ତୁଳତୀ ମିଶନ ଶକ୍ତି ଗୃହ**

■ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ ପରେ ଲିଭାଇଲେ ଲେଖା

**କୋରେଇ,୨୨।୧୨(ଚନ୍ଦ୍ରକାନ୍ତ ପତି)**

କୋରେଇ ବ୍ଲକ୍ ଅଧୀନ ତୁଳତୀ ପଞ୍ଚାୟତ କୋଗାଁ ଗ୍ରାମରେ ମିଶନ ଶକ୍ତି ଗୃହ ମରାମତି ନିମନ୍ତେ ଆର୍ଥିକ ବର୍ଷ ୨୦୨୧–୨୦୨୨ରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଆସିଥିବା ୧ ଲକ୍ଷ ଟଙ୍କା ଅନୁଦାନକୁ ଆତ୍ମସାତ କରିବାକୁ ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ସେତେବେଳେ ଏହି ଗୃହର ମରାମତି ନ ହୋଇ ଫାଇଲ ପଡ଼ି ରହିଥିଲା। ଏବେ ନିର୍ବାଚନକୁ ଦୃଷ୍ଟିରେ ରଖି ପୁନର୍ବାର ଏହାର ମରାମତି ଆରମ୍ଭ କରାଯାଇଛି। ମାତ୍ର ପରିତାପର ବିଷୟ ସେହି ଗ୍ରାମର କେତେଜଣ ଖଳ ପ୍ରକୃତିର ବ୍ୟକ୍ତି କନିଷ୍ଠ ଯନ୍ତ୍ରୀଙ୍କ ସହଭାଗିତାରେ ଗୃହ ମରାମତି ନ କରି ଉକ୍ତ ୧ ଲକ୍ଷ ଟଙ୍କାକୁ ଆତ୍ମସାତ କରିବାକୁ ଉଦ୍ୟମ କରିଛନ୍ତି। ସେମାନେ କୋରେଇ ବ୍ଲକ କାର୍ଯ୍ୟାଳୟ ପଛପାଖ ଏକ ପରିତ୍ୟକ୍ତ ଗୃହ କାନ୍ଥରେ ମିଥ୍ୟା ଫଳକ ଲଗାଇଛନ୍ତି। କିପରି କାମ ନ କରି ସମଗ୍ର ଅର୍ଥରାଶି ଚଳୁ କରିହେବ ସେନେଇ ଠିକାଦାରଙ୍କଠାରୁ ଆରମ୍ଭ କରି କନିଷ୍ଠ ଯନ୍ତ୍ରୀ ଯାଏ ଲାଗିପଡ଼ିଛନ୍ତି। ବ୍ଲକ୍ କାର୍ଯ୍ୟାଳୟ ପଛପଟେ ତୁଳତୀ ପଞ୍ଚାୟତର ମିଥ୍ୟା ଫଳକ ଲେଖା ହୋଇଥିବା କଥା କନିଷ୍ଠ ଯନ୍ତ୍ରୀ ହିରଣ୍ୟଲକ୍ଷ୍ମୀ ନାୟକଙ୍କୁ ପଚାରିବା ପରେ ସେ କୌଣସି ସନ୍ତୋଷ ଜନକ ଉତ୍ତର ନ ଦେଇ ଫୋନ କାଟିଦେଇଥିଲେ। ଏହାପରେ ସେ ବିରକ୍ତି ପ୍ରକାଶ କରି ତୁରନ୍ତ ଏହାକୁ ଲିଭାଇବା ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିବା ଏକ ବିଶେଷ ସୂତ୍ରରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ଜଣେ ବ୍ୟକ୍ତି ଏହାକୁ ଲିଭାଉଥିବାର ଦୃଶ୍ୟ ମୋବାଇଲରେ କଏଦ ହୋଇ ରହିଛି। ଏ ସମ୍ପର୍କରେ ବିଡିଓ ଅଶୋକ କୁମାର ମାଝିଙ୍କୁ ପଚାରିବାରେ ଏହାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ଘଟଣାର ଭିଜିଲାନ୍ସ ତଦନ୍ତ କରିବାକୁ ଦାବି ହୋଇଛି।




ମିଶନ ଶକ୍ତି ଗୃହ ମରାମତି ପାଇଁ ଲାଗିଥିବା ଫଳକ।

# ଦଶପଲ୍ଲାକୁ ରେଳ ଚଳାଚଳ ଦାବିରେ ବିକ୍ଷୋଭ

ନୟାଗଡ଼/ନୂଆଗାଁ,୨୨।୧୨
(ଲୋକନାଥ ମିଶ୍ର/ ଧନେଶ୍ୱର ସାହୁ)



ନୟାଗଡ଼ ରେଳ ଷ୍ଟେଶନରେ ନାଗରିକ ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

■ଜାନୁୟାରୀ ୧୦ ସୁଦ୍ଧା ରେଳ ଚଳାଚଳ ନ କଲେ ୧୪ରେ ରେଳରୋକୋ

■ଟ୍ରାଏଲ ରନ ପରେ ବାରମ୍ବାର ଉଦ୍‌ଘାଟନ ବାତିଲକୁ ନେଇ ଉଦ୍‌ବେଗ

ନୟାଗଡ଼ ଜିଲା ଦଶପଲ୍ଲା ଷ୍ଟେଶନକୁ ରେଳ ଗଡ଼ିବା ପାଇଁ ରେଳପଥ ପ୍ରସ୍ତୁତି ହୋଇ ରହିଥିଲେ ମଧ୍ୟ ରେଳ ବିଭାଗର ଅଣଦେଖା ଯୋଗୁ ଟ୍ରେନ ଚଳାଚଳ କରି ପାରୁ ନ ଥିବା ଅଭିଯୋଗ ରହିଛି। ଏହାର ପ୍ରତିବାଦରେ ନୟାଗଡ଼ ନାଗରିକ ମଞ୍ଚ ଓ ଦଶପଲ୍ଲା ସଚେତନ ନାଗରିକ ମଞ୍ଚ ପକ୍ଷରୁ ମିଳିତ ଭାବେ ଶୁକ୍ରବାର ନୟାଗଡ଼ ଟାଉନ ଷ୍ଟେଶନରେ ବିକ୍ଷୋଭ କରାଯାଇଛି। ଜାନୁୟାରୀ ୧୦ସୁଦ୍ଧା ଦଶପଲ୍ଲାକୁ ରେଳ ନ ଗଡ଼ିଲେ ୧୪ ତାରିଖରୁ ରେଳରୋକୋ କରାଯିବାକୁ ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି।

ଦଶପଲ୍ଲାକୁ ରେଳ ଚଳାଚଳରେ ବିଳମ୍ବକୁ ନେଇ ଦଶପଲ୍ଲା ଜନସାଧାରଣଙ୍କ ସହଯୋଗରେ ନୟାଗଡ଼ ନାଗରିକ ମଞ୍ଚ ଶୁକ୍ରବାର ବିକ୍ଷୋଭ କରିଛି। ବିକ୍ଷୋଭରେ ନୟାଗଡ଼ ନାଗରିକ ମଞ୍ଚ ସଭାପତି ପ୍ରମୋଦ ପଟ୍ଟନାୟକ, ସମ୍ପାଦକ ଲକ୍ଷ୍ମୀଧର ସାହୁ, ଉପସଭାପତି ପ୍ରଦୀପ କୁମାର ସାହୁ, ଯୁଗ୍ମ ସମ୍ପାଦକ ପ୍ରଶାନ୍ତ ପଟ୍ଟନାୟକ, ନିର୍ମଳ ସୁରଦେଓ, ପ୍ରଫୁଲ୍ଲ ନାୟକ, ପ୍ରଦୀପ୍ତ ଡାକୁଆ, ଲକ୍ଷ୍ମୀଧର ମହାପାତ୍ର, ପ୍ରଫୁଲ୍ଲ ନାୟକ, ଗୋକୁଳ ଷଡଙ୍ଗୀ, ପ୍ରଦ୍ୟୁମ୍ନ ନନ୍ଦ, ସମାଜିକ କର୍ମୀ ଦାମଦୋର ସାହୁ, ତ୍ରିନାଥ ସାହୁ, ନିରଞ୍ଜନ ମିଶ୍ର, ଅବଦୁଲ ଆହାଦ୍, ଦଶପଲ୍ଲା ସଚେତନ ନାଗରିକ ମଞ୍ଚର ପ୍ରଶାନ୍ତ କୁମାର ସାହୁ, ଗଦାଧର ବେହେରା ଓ ପ୍ରମୋଦ ମହାପାତ୍ର ପ୍ରମୁଖ ସାମିଲ ଥିଲେ। ଦଶପଲ୍ଲାକୁ ରେଳ ଚଳାଚଳ ଦାବି ସହ ନୟାଗଡ଼ ଟାଉନ ଷ୍ଟେଶନରେ ଅପେକ୍ଷାରତ ଯାତ୍ରୀଙ୍କ ପାଇଁ ବିଶ୍ରାମସ୍ଥଳର ସମ୍ପ୍ରସାରଣ, ନୟାଗଡ଼ରୁ କୋଲକାତା ଏବଂ ବିଶାଖାପାଟଣାକୁ ରେଳ ଚଳାଚଳର ବ୍ୟବସ୍ଥା, ଭୁବନେଶ୍ୱର ଓ ପୁରୀକୁ ଅଧିକ ଟ୍ରେନର ବ୍ୟବସ୍ଥା, ନୟାଗଡ଼- ଖଣ୍ଡପଡ଼ା ରାସ୍ତାରେ ନିର୍ମାଧିନ ଓଭର ବ୍ରିଜକୁ ସମାପ୍ତ କରିବା, ରେଳ ଷ୍ଟେଶନରେ ନିର୍ମାଣଧୀନ ଫୁଟ୍ ଓଭର ବ୍ରିଜ ଏବଂ ୨ୟ ପ୍ଲାଟଫର୍ମ କାର୍ଯ୍ୟ ଶୀଘ୍ର ଶେଷ କରିବା, ରାଜ୍ୟ ରାଜପଥରୁ ଷ୍ଟେଶନକୁ ସଂଯୋଗ କରୁଥିବା ରାସ୍ତାର ମରାମତି ତଥା ଭୁବନେଶ୍ୱରଠାରୁ ନୂଆଗାଁ ରୋଡ ଏବଂ ଭଦ୍ରକ ଟ୍ରେନ ମଧ୍ୟରେ ରହୁଥିବା ୧୦ ମିନିଟ୍‌ର ବ୍ୟବଧାନକୁ ୧ ଘଣ୍ଟା ବୃଦ୍ଧି କରିବା ପରି ଅନୁରୂପ ଦାବି ରହିଛି। ଏ ନେଇ ନୟାଗଡ଼ ନାଗରିକ ମଞ୍ଚ ସଭାପତି ପ୍ରମୋଦ ପଟ୍ଟନାୟକ କୁହନ୍ତି, ଦଶପଲ୍ଲାକୁ ରେଳ ଚଳାଚଳ ସହ ଅନ୍ୟ ଦାବି ନେଇ ବାରମ୍ବାର ଦାବି, ଆପତ୍ତି, ଅଭିଯୋଗ ପରେ ବି ସୁଫଳ ମିଳୁନି। ଜୁଲାଇରେ ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ନୟାଗଡ଼ ରେଳ ଷ୍ଟେଶନରେ ଆନ୍ଦୋଳନ ହୋଇଥିଲା। ସେ ସମୟରେ ପୂର୍ବତଟ ରେଳ ବିଭାଗର ଡିଭିଜିନାଲ ବାଣିଜ୍ୟ ପ୍ରବନ୍ଧକ ଗିରିଶ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ରେଳ ବିଭାଗର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ମାସେ ମଧ୍ୟରେ ଦଶପଲ୍ଲାକୁ ରେଳ ଚଳାଚଳ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପକ୍ଷେ ଅନ୍ୟ ଦାବିଗୁଡ଼ିକ ମଧ୍ୟ ବିଚାରକୁ ନିଆଯାଉଛି ବୋଲି କହିଥିଲେ। ତେବେ ଜୁଲାଇ ଯାଇ ଡିସେମ୍ବର ଶେଷ ହେବା ଉପରେ ଗୋଟିଏ ହେଲେ ଦାବି ପୂରଣ ହେଲା ନାହିଁ। ଅନ୍ୟପକ୍ଷେ ଦଶପଲ୍ଲାକୁ ରେଳ ଚଳାଚଳ ନେଇ ଟ୍ରାଏଲ ରନ ଗତ ରଥଯାତ୍ରାଠାରୁ ଶେଷ ହୋଇଥିଲେ ମଧ୍ୟ ଦଶପଲ୍ଲାକୁ ରେଳ ଚଳାଚଳ କରିବାରେ ରାଜନୀତି ଚାଲିଛି ବୋଲି ଅନୁଭବ ହେଉଛି। ଲୋକଙ୍କର ଆଉ ଧର୍ଯ୍ୟ ନାହିଁ। ଆନ୍ଦୋଳନ କରି ଦାବି ହାସଲ କରିବାକୁ ଲୋକେ ବାହାରିଲେଣି ବୋଲି କହିଛନ୍ତି।


ସେହିପରି ଦଶପଲ୍ଲାକୁ ରେଳ ଚଳାଚଳ ପାଇଁ ନୂଆଗାଁ ମହିପୁର ରେଳ ଷ୍ଟଶନରେ କଂଗ୍ରେସ ପକ୍ଷରୁ ରେଳରୋକୋ କରାଯାଇଥିଲା। ଏଥିରେ ଏଆଇସିସି ବିସ୍ମୟ ମହାପାତ୍ର, ଅଶୋକ କୁମାର ନାୟକ, ବୁଲୁ ପରିଡା, କାଶୀନାଥ ନାୟକ, ସୁକାନ୍ତ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ରଞ୍ଜନ


@ ନସିମ


@ ମାମୁନି


@ ନିର୍ମଳ


@ମୁନା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶରଣକୁଳ ମହାବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ


ପିଲାମାନଙ୍କୁ ଭଲ ବାଟରେ ଯିବାକୁ ଅତିଥି ଶପଥପାଠ କରାଉଛନ୍ତି।

ଶରଣକୁଳ, ୨୨।୧୨(ଦୀପକ କର)

ଶରଣକୁଳ ମହାବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରାଥମିକ ଚିକିତ୍ସା ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛ। ଶିବିରକୁ ଜିଲା ଯୋଜନା ବୋର୍ଡ଼ ଅଧକ୍ଷ ତଥା ବିଧାୟକ ରଣପୁର ସତ୍ୟନାରାୟଣ ପ୍ରଧାନ, ଶରଣକୁଳ ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ, ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ, ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଯୋଗେଶ୍ୱର ନାୟକ ଓ ମହାବିଦ୍ୟାଳୟ ଅଧ୍ୟକ୍ଷ ବସନ୍ତ କୁମାର ରଥ ଉଦ୍‌ଘାଟନ କରିଥିଲେ। ଏଥିରେ ବିଧାୟକ ପ୍ରଧାନ ଛାତ୍ରୀଛାତ୍ରମାନଙ୍କୁ ବାଲ୍ୟ ବିବାହ ଓ ଯୌତୁକ ପ୍ରଥାକୁ ବିରୋଧ କରିବା, ନିଶା ସେବନ ନ କରିବା, ପିତାମାତା ଓ ଗୁରୁଜନଙ୍କ ଆଦେଶ ପାଳନ କରିବା ଏବଂ ବିପଦରେ ପଡ଼ିଥିବା ବ୍ୟକ୍ତି ବିଶେଷଙ୍କୁ ସାହାଯ୍ୟ କରିବାକୁ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଆଧାର ପୁରୁଷ ଭାବେ ନୟାଗଡ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାଧ୍ୟାପକ ତଥା ଜିଲା ରେଡକ୍ରସ ଉପଦେଷ୍ଟା ଡ. ଆଦିତ୍ୟ କୁମାର ମିଶ୍ର, ବ୍ରହ୍ମପୁର କେଏଟିଏସ୍ ଆୟୁର୍ବେଦ ଭେଷଜ ମହାବିଦ୍ୟାଳୟର ଅବସରପ୍ରାପ୍ତ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଡା. ସୂର୍ଯ୍ୟନାରାୟଣ ସାହୁ ଯୋଗ ଦେଇଥିଲେ। ଡା. ମିଶ୍ର ତାଙ୍କ ତାଲିମ ପ୍ରକ୍ରିୟାରେ ହାତପାହାନ୍ତାରେ ଉପଲବ୍ଧ ବିଭିନ୍ନ ଉପକରଣକୁ ଉପଯୋଗ କରି କିପରି ପ୍ରାଥମିକ ଚିକିତ୍ସା କରାଯାଇ ପାରିବ ତାହା ଦେଖାଇଥିଲେ। ଡା. ସାହୁ ଶିକ୍ଷାର୍ଥୀମାନେ କେଉଁ ସବୁ ଦିଗକୁ ଗୁରୁତ୍ୱ ଦେଲେ ସ୍ୱାସ୍ଥ୍ୟ ଠିକ୍ ରହିବ, ସେ ସମ୍ପର୍କରେ ସେମାନଙ୍କୁ ସଚେତନ କରାଇଥିଲେ। ବିଭିନ୍ନ ସହଜ ବ୍ୟାୟାମ ଓ ଯୋଗ ଅଭ୍ୟାସ ଦ୍ୱାରା ଉତ୍ତମ ସ୍ୱାସ୍ଥ୍ୟର କୌଶଳଗୁଡ଼ିକୁ ଉପସ୍ଥାପନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ସମାଜସେବା ଅଧିକାରୀ ତ୍ରିନାଥ ପରିଡା, ଦିଲୀପ କୁମାର ସାହୁ, ପ୍ରତିମା ବେହେରା, ନୋଡାଲ ଅଧିକାରୀ ବିଭୂତି ଭୂଷଣ ବେହେରା, ଅଧ୍ୟାପକ ଅନ୍ତର୍ଯ୍ୟାମୀ ପରିଡା ଏବଂ ପ୍ରଶାସନିକ ଅଧିକାରୀ ଡ. ବ୍ୟୋମକେଶ ରଥ ସହଯୋଗ କରିଥିଲେ। ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ଶ୍ରୀନୀଳମାଧବ ବିକାଶ ପ୍ରକଳ୍ପର ସମୀକ୍ଷା

ଖଣ୍ଡପଡ଼ା,୨୨।୧୨(ଅଜୟ କୁମାର ମହାରଣା)

ଓଡ଼ିଶା ସେତୁ ନିର୍ମାଣ ନିଗମ ପ୍ରମୁଖ ପରିଚାଳନା ନିର୍ଦ୍ଦେଶକ ଇଂ. ଜୟକୃଷ୍ଣ ଦାସ ବୁଧବାର କଣ୍ଟିଲୋ ଗସ୍ତରେ ଶ୍ରୀନୀଳମାଧବ ମନ୍ଦିରରେ ନିର୍ମାଣ ଚାଲିଥିବା ବିକାଶ ପ୍ରକଳ୍ପର ସମୀକ୍ଷା କରି ଫେରି ଯାଇଥିବା ଜଣାଯାଇଛି। ସଂପ୍ରତି ମନ୍ଦିର ଉପରକୁ ନିର୍ମାଣ କରାଯାଉଥିବା ୧୫ ମିଟର ଉଚ୍ଚ ସ୍କାଇ ବ୍ରିଜ(ଲିଫ୍ଟ)ର କାର୍ଯ୍ୟ ପ୍ରଣାଳୀ ସମ୍ପର୍କରେ ଉପସ୍ଥିତ ଯନ୍ତ୍ରୀମାନଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ପରେ ଯନ୍ତ୍ରୀମାନେ ମନ୍ଦିର ଉତ୍ତର ପାର୍ଶ୍ୱ ମହାନଦୀ କୂଳରେ ଚାଲିଥିବା ପ୍ରୋଟେକ୍ସ୍ ୱାଲ ବିଷୟରେ ପଚାରି ବୁଝିବା ସହ ମନ୍ଦିର ପରିସରରେ ଚାଲିଥିବା ନିର୍ମାଣ କାର୍ଯ୍ୟ ଓ ଠାକୁରଙ୍କ ଚନ୍ଦନ ପୋଖରୀ ନବୀକରଣ କାର୍ଯ୍ୟକୁ ସମୀକ୍ଷା କରିବା ସହ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ପରିଦର୍ଶନ ସମୟରେ ଓଡ଼ିଶା ସେତୁ ନିର୍ମାଣ ନିଗମ ଚିଫ୍ ଜେନେରାଲ ମ୍ୟାନେଜର ଇଂ. ପ୍ରିୟବ୍ରତ ସାମନ୍ତରାୟ, ଜେନେରାଲ ମ୍ୟାନେଜର ଇଂ. ଅକ୍ଷୟ କୁମାର ସାହୁ, ଡ଼ିଜାଇନ ମୁଖ୍ୟ ବିପିନ ପାଢ଼ୀ ଓ ପ୍ରକଳ୍ପ ମ୍ୟାନେଜର ଇଂ. ଭକ୍ତ ହରି ଜେନା ପ୍ରମୁଖ ଉପସ୍ଥିତ ରହି ପରିସ୍ଥିତି ସମ୍ପର୍କରେ ଆଲୋଚନାରେ ସହଯୋଗ କରିଥିଲେ।


ନିର୍ମାଣାଧୀନ ନୀଳମାଧବ ପ୍ରକଳ୍ପ କାର୍ଯ୍ୟର ତଦାରଖ କରୁଛନ୍ତି ନିର୍ଦ୍ଦେଶକ ଜୟକୃଷ୍ଣ ଦାସ ।

# ଶୃଙ୍ଖଳିତ ଜୀବନଯାପନ ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ

ନୟାଗଡ଼,୨୨।୧୨(ଲୋକନାଥ ମିଶ୍ର)

ନୟାଗଡ଼ ମଡ଼େଲ ଡିଗ୍ରୀ କଲେଜରେ ୩ୟ ବାର୍ଷିକ ସାଂସ୍କୃତିକ ମହୋତ୍ସବରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ନୟାଗଡ଼ର ବିଧାୟକ ଅରୁଣ କୁମାର ସାହୁ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଶୃଙ୍ଖଳିତ ଜୀବନଯାପନ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଖବରକାଗଜ ଓ ପାଠ୍ୟପୁସ୍ତକ ପଠନ ଆବଶ୍ୟକତା ଭବିଷ୍ୟତ ଗଠନ ପାଇଁ ନିତାନ୍ତ ଆବଶ୍ୟକ ବୋଲି ମତ ରଖିଥିଲେ। ମହାବିଦ୍ୟାଳୟର ଅଧକ୍ଷ ମାନସ ରଞ୍ଜନ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଜିଲା ପରିଷଦ ସଭ୍ୟ ସରୋଜ କୁମାର ରଣସିଂହ, ପଞ୍ଚାୟତ ସମିତି ସଭ୍ୟା ସନ୍ଧ୍ୟାରାଣୀ ବେହେରା, ଲାଠିପଡ଼ା ସରପଞ୍ଚ ସରସ୍ୱତୀ ପଗଡ଼, ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତି ପଞ୍ଚାନନ ଡାକୁଆ ପ୍ରମୁଖ ଯୋଗଦେଇ ଥିଲେ। ବର୍ଣ୍ଣାଢ଼୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପରିବେଷିତ ହୋଇଥିବା ବେଳେ ଏହାକୁ ଜୟରାମ ସିଂହ ସାମଲ, ବିଜୟିନୀ ଶୁଭଦର୍ଶିନୀ, ଡ. ଜ୍ୟୋସ୍ନାରାଣୀ କର ପରିଚାଳନା କରିଥିଲେ।

# ପଞ୍ଚାୟତସ୍ତରୀୟ ବ୍ୟାଙ୍କରେ ନିଯୁକ୍ତି ପାଇଁ ନିବେଦନ

ନୟାଗଡ଼, ୨୨।୧୨(ଲୋକନାଥ ମିଶ୍ର)

## ଜିଲାପାଳଙ୍କୁ ସ୍ମାରକ ପତ୍ର ଦେଲେ ବ୍ୟାଙ୍କ ସଖୀ

ମିଶନ ଶକ୍ତି ବିଭାଗ ମାଧ୍ୟମରେ ଗାଁ ଗହଳିରେ ଜନସାଧାରଣଙ୍କୁ ବ୍ୟାଙ୍କ ସେବା ଯୋଗାଇ ଆସୁଥିବା ବ୍ୟାଙ୍କ ସଖୀମାନଙ୍କୁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତି ପଞ୍ଚାୟତରେ ଖୋଲାଯାଉଥିବା ଆମ ବ୍ୟାଙ୍କରେ ନିଯୁକ୍ତି ଦେବାକୁ ଶୁକ୍ରବାର ଜିଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଓଡ଼ିଶା ମିଶନ ଶକ୍ତି ବ୍ୟାଙ୍କ ସଖୀ କର୍ମଚାରୀ ସଂଘ ପକ୍ଷରୁ କାର୍ଯ୍ୟକାରିଣୀ ସଭା ନେତ୍ରୀ ସଞ୍ଜୁଲତା ସାହୁ ଓ ସାଧାରଣ ସମ୍ପାଦିକା ବିଜୟାଲକ୍ଷ୍ମୀ ଜେନା ଜିଲାପାଳଙ୍କୁ ଭେଟି ନିଜର ଅସୁବିଧା ଓ ସମସ୍ୟାକୁ ଜଣାଇଛନ୍ତି। ରାଜ୍ୟ ସରକାର ବ୍ୟାଙ୍କ ସଖିମାନଙ୍କୁ ମାସିକ ୨ ହଜାର ଟଙ୍କା ଲେଖାଏ ୬ ମାସ ପର୍ଯ୍ୟନ୍ତ ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ସେମାନଙ୍କୁ କମିଶନ ମାଧ୍ୟମରେ ରଖାଯାଇଛି। କମିଶନ ମାଧ୍ୟମରେ ସେମାନଙ୍କ ପରିବାର ଚଳାଇବା କାଠିକାର ହୋଇପଡୁଛି ବୋଲି ସେମାନେ କ୍ଷୋଭର ସହ କହିଛନ୍ତି। ଏଣୁ ବ୍ୟାଙ୍କ ସଖିଙ୍କୁ ପ୍ରତି ପଞ୍ଚାୟତରେ ଖୋଲୁଥିବା ବ୍ୟାଙ୍କରେ କର୍ମଚାରୀ ଭାବେ ଗ୍ରହଣ କରିବାକୁ ଦାବି ରଖିଛନ୍ତି। ସରକାର ସେମାନଙ୍କ ଦାବିକୁ ମାନି ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।



ମୋ ବ୍ୟାଙ୍କରେ ନିଯୁକ୍ତି ପାଇଁ ମିଶନ ଶକ୍ତିର ବ୍ୟାଙ୍କ ସଖୀମାନେ ଜିଲାପାଳଙ୍କୁ ଭେଟି ଫେରୁଛନ୍ତି।

# ଖୋଲିବ ଅସ୍ଥାୟୀ ଫାଣ୍ଡି, ରହିବ ଟୋଲ୍ ଫ୍ରି ନମ୍ବର

■ନୟାଗଡ଼ ମହୋତ୍ସବ ପାଇଁ ଶୃଙ୍ଖଳା କମିଟି ବୈଠକ

■କଲେଜ ଠାରୁ ଲେଙ୍କୁଡିପଡା ପର୍ଯ୍ୟନ୍ତ ରାସ୍ତାରେ ପାର୍କିଂ ମନା

■ପିଟିଏସରେ ଯାନବାହନ ଓ ରାସ୍ତାକଡ଼ରେ ହେବ ବାଇକ ପାର୍କିଂ

■ସାଧାରଣ ସ୍ଥାନରେ ପାର୍କିଂକୁ ବାରଣ

ନୟାଗଡ଼,୨୨।୧୨(ଲୋକନାଥ ମିଶ୍ର)



ବୈଠକରେ ବିଧାୟକ ଅରୁଣ ସାହୁ, ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ଏସ୍‌ପି ରାହୁଲ ଜୈନ ଓ ଅନ୍ୟମାନେ।

ଡିସେମ୍ବର ୨୪ରୁ ୫ ଦିନ ବ୍ୟାପି ହେବାକୁ ଥିବା ନୟାଗଡ଼ ଜିଲା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାରେ ଶାନ୍ତିଶୃଙ୍ଖଳା ରକ୍ଷା ଓ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଏଡାଇବା ପାଇଁ ନୟାଗଡ଼ ଏସ୍‌ପିଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ଶୃଙ୍ଖଳା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଏସ୍‌ପି ରାହୁଲ ଜୈନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ଜିଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସୂଚାରୁ କୁମାର ବଳ, ଉପଜିଲାପାଳ ଶକ୍ତକାନ୍ତ ରାୟ, ନୟାଗଡ଼ ମ୍ୟୁନିସିପାଲିଟି ଅଧକ୍ଷ ନିରୁପମା ଖଟେଇ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା ଶୃଙ୍ଖଳା କମିଟିର ଉଦ୍ଦେଶ୍ୟ ସମ୍ପର୍କରେ କହିବା ବେଳେ ନୟାଗଡ଼ ଏସ୍‌ଡିପିଓ ସ୍ନେହାଶିଷ ସାହୁ ମହୋତ୍ସବ ପାଇଁ ପୋଲିସ ପକ୍ଷରୁ ପ୍ରସ୍ତୁତି ଉପରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ମହୋତ୍ସବ ପାଇଁ ଅତିରିକ୍ତ ଏସ୍‌ପିଙ୍କ ମନିଟରିଂରେ ୪ ଡିଏସପି, ୪ ଇନ୍ସପେକ୍ଟର, ୧୮ ଜଣ ଏସ୍‌ଆଇ /ଏଏସ୍‌ଆଇ, ୪ ହାବିଲଦାର, ୨୮ କନେଷ୍ଟବଳ/ଓଏପିଏଫ, ୩ ସେକ୍ସନ ଫୋର୍ସ, ୫୬ ହୋମଗାର୍ଡ ନିୟୋଜିତ ହେବେ। ଜଣେ ଏଏସ୍‌ଆଇ, ୨ କନେଷ୍ଟବଳ ଓ ୩ ହୋମଗାର୍ଡଙ୍କୁ ନେଇ ଏକ ଅସ୍ଥାୟୀ ଫାଣ୍ଡି ଖୋଲିବ। ପୋଲିସ ପକ୍ଷରୁ ଏକ ଟ୍ରୋଲ ଫ୍ରି ନମ୍ବର ବ୍ୟବସ୍ଥା କରାଯାଇଛି। ପୋଲିସ ଟ୍ରେନିଂ ସ୍କୁଲରେ ୪ ଚକିଆ ଯାନବାହାନ ପାର୍କିଂ ହେବ। ୨ ଚକିଆ ଯାନ ମହୋତ୍ସବ ପଡ଼ିଆ ନିକଟସ୍ଥ ରାସ୍ତା ପାର୍ଶ୍ୱରେ ପାର୍କିଂ ହେବ। ସାଧାରଣ ସ୍ଥାନରେ ପାର୍କିଂ, ଦୋକାନ ପାଖରେ ନୂଆ ଦୋକାନ ଓ ଘର ସମ୍ମୁଖରେ ଅସ୍ଥାୟୀ ଦୋକାନ ଖୋଲିବାକୁ ବାରଣ କରାଯାଇଛି। ପାର୍କିଂ ପାଇଁ ବାଇକ୍ ପିଛା ୧୦ ଟଙ୍କା ଆଦାୟ ହେବ। ଖବରଦାତାଙ୍କ ପାଇଁ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା କରାଯାଇଛି। ମହୋତ୍ସବ ସ୍ଥାନରେ ଖବରଦାତାଙ୍କ ପାଇଁ ଉଦ୍ଦିଷ୍ଟ ଚେୟାରରେ ଅନ୍ୟ କେହି ନ ବସିବା ପାଇଁ ବ୍ୟବସ୍ଥା ନୂଆକରି ହୋଇଛି। ପୋଲିସ ପକ୍ଷରୁ ସୁପରଭିଜନ ଅତିରିକ୍ତ ଏସ୍‌ପି, ୪ ଡିଏସ୍‌ପି ଓ ଜଣେ ଇନ୍ସପେକ୍ଟର କରିବେ। ଟ୍ରୁପ କ୍ୟାମ୍ପ, ପ୍ଲେନ କ୍ଲକ ଡ୍ୟୁଟି ହେବା ସହ ମହୋତ୍ସବ ସ୍ଥଳରେ ନାଇଟ ପାଟ୍ରୋଲିଂରେ ଜଣେ ଏଏସ୍‌ଆଇ, ୧ କନେଷ୍ଟବଳ, ୨ ହୋମଗାର୍ଡ ଅଛନ୍ତି। ମହୋତ୍ସବକୁ ପ୍ରବେଶ ସ୍ଥାନରେ ଟ୍ରାଫିକ୍ ସମସ୍ୟାକୁ ଏଡାଇବା ପାଇଁ ନୟାଗଡ଼ କଲେଜଠାରୁ ଲେଙ୍କୁଡିପଡା ପର୍ଯ୍ୟନ୍ତ ରାସ୍ତାରେ ପାର୍କିଂକୁ ହେବ ନାହିଁ। ମହୋତ୍ସବ, ଆଖପାଖ ଅଞ୍ଚଳ ଓ ରାସ୍ତା ଲାଇଟରେ ଝଲସିବା ପାଇଁ ୨୫୦ କେଭିର ଏକ ବିଦ୍ୟୁତ୍ ସବଷ୍ଟେଶନ ସ୍ଥାପନ କରାଯାଇଛି। ସାଂସ୍କୃତିକ ଟ୍ରୁପ ଗାଡ଼ିକୁ ପାସ୍ ବ୍ୟବସ୍ଥା ହୋଇଛି। ମହୋତ୍ସବକୁ ଆସିବା ବାଟରେ ଦୁଇ ଫାଟକ ନିକଟରେ, ଷ୍ଟେଜ ପଛ ପାଖ, ସଭା ସ୍ଥଳ, ମିନା ବଜାର, ପିଟିଏସ୍ ଛକ, ପିଟିଏସ୍ ଗ୍ରାଉଣ୍ଡ, ସର୍କିଟ ହାଉସ ଛକରେ ପୋଲିସ ମୁତୟନ ହେବେ। ପୁଣି ଜଗନ୍ନାଥ ମନ୍ଦିର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛକ, ନବଘନପୁର ଛକ, ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାଠାରେ ଅନୁରୂପ ଭାବେ ପୋଲିସ ମୁତୟନ ରହିବେ । ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ବିଭାଗର ଅଧିକାରୀ ଓ ଖବରଦାତା ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

**୧୨୫ ୟୁନିଟ ରକ୍ତ ସଂଗ୍ରହ**

ରଘୁନାଥପୁର,(ରାଜେନ୍ଦ୍ର ନାରାୟଣ ସିଂହ): ରଘୁନାଥପୁର ବ୍ଲକ ପୂରଣସ୍ଥିତ ସଙ୍କେତ ଆଇଟିଆଇ ପରିସରରେ ଓଡ଼ିଶା ମୋ ପରିବାର ଜୀବନବିନ୍ଦୁ କାର୍ଯ୍ୟକ୍ରମରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୧୨୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ଆୟୋଜିତ ଏହି ଶିବିରକୁ ବ୍ଲକ ବିଜେଡି ସଭାପତି ଦେବାଶିଷ ତ୍ରିପାଠୀ ପରିଚାଳନା କରିଥିଲେ। ଜଗତସିଂହପୁର ବ୍ଲଡ୍ ବ୍ୟାଙ୍କ ଟିମ୍ ଆସି ରକ୍ତ ସଂଗ୍ରହ କରିଥିଲେ। ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ରବିନାରାୟଣ ଜେନା, ସୌମ୍ୟଜିତ ମହାପାତ୍ର, ସମ୍ପିତ ଲେଙ୍କା, ଡ.ସୁରେନ୍ଦ୍ରନାଥ ମହାପାତ୍ର, ଜୋସେଫ ସ୍ୱାଇଁ, ରାଜେଶ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

# ଜବରଦଖଲକାରୀଙ୍କ କବ୍‌ଜାରେ ପଟ୍ଟାମୁଣ୍ଡାଇ ସହର

**ପଟ୍ଟାମୁଣ୍ଡାଇ, ୨୨।୧୨ (ଅକ୍ଷୟ ବିଶ୍ୱାଳ)**



ଜବରଦଖଲ ଯୋଗୁ ରାସ୍ତା ଜାମ୍ ହୋଇଛି।

କେନ୍ଦ୍ରାପଡ଼ା ଜିଲାର ବ୍ୟବସାୟିକ ପେଣ୍ଠସ୍ଥଳୀ ପଟ୍ଟାମୁଣ୍ଡାଇ ସହରରେ କେତେଜଣ ବ୍ୟବସାୟୀ ରାସ୍ତାକୁ ମାଡ଼ିବସି ଜବରଦଖଲରେ ରଖିଛନ୍ତି। ଫଳରେ ପଥଚାରୀ ଯାତାୟାତ କରିବାରେ ଅସୁବିଧା ଭୋଗୁଛନ୍ତି। ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏହି ରାସ୍ତାକୁ ବ୍ୟବସାୟୀମାନେ ଜବରଦଖଲରେ ରଖିଥିବାରୁ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହାଛଡ଼ା ବିଭିନ୍ନ ଦୋକାନକୁ ସଉଦାପତ୍ର କିଣିବାକୁ ଆସୁଥିବା ବ୍ୟକ୍ତି ବାଇକ୍ ଓ କାର ପାର୍କିଂ ପାଇଁ ସ୍ଥାନ ନ ପାଇ ରାସ୍ତା ଉପରେ ରଖୁଛନ୍ତି। ଅନେକ ସମୟରେ ଭାରିଯାନ ଚାଳକମାନେ ରଙ୍ଗ୍ ସାଇଡ୍‌ରେ ଗାଡ଼ି ନେଉଥିବାରୁ ଦୁର୍ଘଟଣା ବୃଦ୍ଧି ପାଉଛି। ଶନିବାର ଜଣେ ହାଇୱା ଚାଳକ ରଙ୍ଗ୍ ସାଇଡ୍‌ରେ ଗାଡ଼ି ନେଇ ଯିବାରୁ ୨ ବାଇକ୍ ଆରୋହୀ ଦୁର୍ଘଟଣାର ଶିକାର ହୋଇଥିଲେ। ପ୍ରଶାସନ ପକ୍ଷରୁ ସେଭଳି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଜବରଦଖଲକାରୀ ସରକାରୀ ରାସ୍ତାକୁ ଅବରୋଧ କରିଚାଲିଛନ୍ତି। ପୂର୍ତ୍ତ ବିଭାଗ ପକ୍ଷରୁ ସରକାରୀ ରାସ୍ତା ଅବରୋଧକୁ ହଟାଇବା ପାଇଁ କୁହାଯାଇଥିଲେ ସୁଦ୍ଧା ସ୍ଥାନୀୟ ବ୍ୟବସାୟୀମାନେ କର୍ଣ୍ଣପାତ କରୁନାହାନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ ବିଭାଗ ପକ୍ଷରୁ ତହସିଲଦାରଙ୍କୁ ଅବଗତ କରାଯାଇଛି ବୋଲି ଯନ୍ତ୍ରୀ ଜ୍ୟୋତି ବେହେରା ପ୍ରକାଶ କରିଛନ୍ତି। ବାଇପାସ୍ ରାସ୍ତାରେ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ପୋଲିସ ବ୍ୟବସ୍ଥା କରିବା ସହ ଜିଲାପାଳ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

# ଭାଇରାଲ ଭିଡିଓକୁ ନେଇ କଂଗ୍ରେସର ବିକ୍ଷୋଭ

**ରାଜନଗର, ୨୨।୧୨ (ଭାସ୍କର ରାଉତରାୟ)**

ରାଜନଗର ଯୁବ କଂଗ୍ରେସ ପକ୍ଷରୁ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ବିଧାୟକ ଧ୍ରୁବ ସାହୁ ଓ ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତଙ୍କ କୁଶ ପୁତଳିକା ଦାହ କରାଯାଇଛି। ବ୍ଲକ ଯୁବ କଂଗ୍ରେସ ସଭାପତି ପ୍ରଭାତ କୁମାର ରାଉଳ, ବ୍ଲକ ବିଜେଡି ସଭାପତିଙ୍କ ପୁଅ ବିଶ୍ୱ ସାରଥି ରାଉତଙ୍କ ନାଁରେ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିବା ସହ ଗିରଫ ଦାବି କରିଛନ୍ତି। ସୂଚନା ମୁତାବକ, ଏଣ୍ଡୁଲାପୁରସ୍ଥିତ ଏନ୍‌କେଏନ୍‌କେ ସଂସ୍କୃତ ମହାବିଦ୍ୟାଳୟର ରାତ୍ରି ଜଗୁଆଳି ବିଶ୍ୱ ସାରଥି ପକେଟରେ ଗୋଟିଏ ମଦ ବୋତଲ ରଖିଥିବା ଭିଡିଓ ଭାଇରାଲ ହୋଇଥିଲା। ଦିନ ଦ୍ୱିପ୍ରହରରେ ଶିକ୍ଷାଦାନ ଚାଲୁଥିବା ସମୟରେ ଏହି ମଦ ରଖିଥିବା ଭିଡିଓ ରାଇରାଲ ହେବା ପରେ ଶୁକ୍ରବାର ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ବିଧାୟକ ଓ ବ୍ଲକ ବିଜେଡି ସଭାପତିଙ୍କ କୁଶ ପୁତଳିକା ଦାହ କରିଥିଲେ। ଅନ୍ୟପକ୍ଷରେ ବ୍ଲକ କଂଗ୍ରେସ ସଭାପତି ଦେବେନ୍ଦ୍ର କୁମାର ଜେନା ଏହି ଘଟଣାକୁ ନିନ୍ଦା କରିବା ସହ ବିଶ୍ୱ ସାରଥିଙ୍କୁ ଗିରଫ କରା ନ ଗଲେ କଂଗ୍ରେସ ଦଳ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ଚେତାବନୀ ଦେଇଛନ୍ତି। ଯୁବ କଂଗ୍ରେସ ସଭାପତି ରାଉଳଙ୍କ ନେତୃତ୍ୱରେ ଓମକାର ମହାନ୍ତି, ସମୀର ଜେନା, ଦେବାଶିଷ ମହାନ୍ତି, ସତ୍ୟବ୍ରତ ପାଣି, ବଦ୍ରି ନାରାୟଣ ରାଉତ, କୃପାସିନ୍ଧୁ ରାଉତ, ଶଶଧର ସେଠୀ, ସିଦ୍ଧାର୍ଥ ସେଠୀ, ଶୁଭକାନ୍ତ ପ୍ରଧାନ ପ୍ରମୁଖ କଂଗ୍ରେସ କର୍ମୀ ବିକ୍ଷୋଭରେ ସାମିଲ ହୋଇଥିଲେ।




କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ପ୍ରହଲ୍ଲାଦ ଚନ୍ଦ୍ର ବେହେରା ବ୍ଲକସ୍ତରୀୟ କୃଷକ ଉପଦେଷ୍ଟା କମିଟି ଅଧ୍ୟକ୍ଷ

**କୁଜଙ୍ଗ,୨୨।୧୨ (ମନୋଜ ପ୍ରଧାନ)**

ବ୍ଲକସ୍ତରୀୟ କୃଷକ ଉପଦେଷ୍ଟା କମିଟିର ତୃତୀୟ ସାଧାରଣ ଅଧିବେଶନ ଶୁକ୍ରବାର ସ୍ଥାନୀୟ କୃଷି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କୁଜଙ୍ଗ ସହକାରୀ କୃଷି ଅଧିକାରୀ ତଥା ବ୍ଲକସ୍ତରୀୟ ଟେକ୍ନିକାଲ କମିଟିର ଆବାହକ ପ୍ରଦୋଷ କୁମାର ବେହେରା ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ । ପ୍ରଥମେ ଉପସ୍ଥିତ ସଭ୍ୟାସଭ୍ୟମାନେ ସେମାନଙ୍କର ପରିଚୟ ପ୍ରଦାନ କରିବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଏବଂ ଏହାର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ । ପରେ ଉପସ୍ଥିତ ସଭ୍ୟାସଭ୍ୟଙ୍କ ମଧ୍ୟରେ ଏହି କମିଟିର ଅଧ୍ୟକ୍ଷ ମନୋନୀତ କରାଯାଇଥିଲା। ଏହି ଅବସରରେ ପ୍ରହଲ୍ଲାଦ ଚନ୍ଦ୍ର ବେହେରାଙ୍କ ନାମକୁ ସଭ୍ୟା ନନ୍ଦିନୀ ପଣ୍ଡା ପ୍ରସ୍ତାବ ଦେଇଥିଲେ । ଏହାକୁ ସଭ୍ୟ ଉମେଶ ଚନ୍ଦ୍ର ମଲ୍ଲିକ ଓ ସତ୍ୟବାନ୍ ମୁଦୁଲି ସମର୍ଥନ କରିଥିଲେ । ଉପସ୍ଥିତ ସଭ୍ୟାସଭ୍ୟମାନଙ୍କ ସହମତିକ୍ରମେ ପ୍ରହଲ୍ଲାଦଙ୍କୁ ଅଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା । ପ୍ରହଲ୍ଲାଦ ଦାୟିତ୍ୱ ଗ୍ରହଣ ପରେ କିଭଳି ଭାବେ ଅଧିବେଶନ ନିୟମିତ ଭାବେ ହୋଇପାରିବ ତଥା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା କିପରି ଚାଷୀମାନଙ୍କ ନିକଟରେ ପହଞ୍ଚିପାରିବ ସେ ବିଷୟରେ ଗୁରୁତ୍ୱାରୋପ କରିଥିଲେ । ଏଥିସହ ଆଗାମୀ ଦିନର ବ୍ୟୟ ଅଟକଳ ଉପରେ ସବିଶେଷ ଆଲୋଚନା ହୋଇଥିଲା।

# ବଟି ଆଦାୟ ଅଭିଯୋଗ: ଜେଲ୍ ଗଲେ ଖବରଦାତା

**କୁଜଙ୍ଗ,୨୨।୧୨ (ମନୋଜ ପ୍ରଧାନ)**



ସୁବ୍ରତ ମଲ୍ଲିକ

ଧମକାଇ ବଟି ଆଦାୟ ଅଭିଯୋଗରେ କାର୍ଯ୍ୟରତ ଜଣେ ଖବରଦାତାଙ୍କୁ କୁଜଙ୍ଗ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପାରଦୀପ ଲକ୍ ଥାନା ଅନ୍ତର୍ଗତ ଝିମାଣି ଗ୍ରାମର ସୁବ୍ରତ ମଲ୍ଲିକ। ତାଙ୍କ ନାମରେ କୁଜଙ୍ଗ ଓ ପାରାଦୀପ ଲକ୍ ଥାନାରେ ୨ଟି ପୃଥକ୍ ମାମଲା ରୁଜୁ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୁବ୍ରତଙ୍କ ବିରୋଧରେ ଗୋଟିଏ ଅଭିଯୋଗ ଗୁରୁବାର ଗିରଫ ହୋଇଥିବା ତାନ୍ତ୍ରିକ ପାପା ଖାଁଙ୍କ ଭଉଣୀ ସଞ୍ଜିତା ସୁଲତାନା କରିଥିବା ବେଳେ ଅନ୍ୟ ଏକ ଅଭିଯୋଗ ଅଭୟଚାନ୍ଦପୁର ଥାନା ବଗଦିଆ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଅର୍ଜୁନ ବେହେରା କରିଥିଲେ। ସୁଲତାନାଙ୍କ ଅଭିଯୋଗ ଅନୁଯାୟୀ, ସୁବ୍ରତ କୁଜଙ୍ଗ ଓ ଏରସମା ଅଞ୍ଚଳରେ ୨ଟି ବୈଦ୍ୟୁତିକ ଗଣମାଧ୍ୟମ ପାଇଁ ଖବର ପରିବେଷଣ କରନ୍ତି। ସେ ଗତ ୨୦ ତାରିଖରେ ତାଙ୍କୁ ମୋବାଇଲ୍‌ରେ ଫୋନ କରି ତାନ୍ତ୍ରିକ ପାପାଙ୍କ ଖବର ପରିବେଷଣ ନ କରିବା ପାଇଁ ଟଙ୍କା ମାଗିଥିଲେ। ବାଧ୍ୟହୋଇ ସୁଲାତାନା ଫୋନ ପେ ମାଧ୍ୟମରେ ସୁବ୍ରତଙ୍କୁ ୬ ହଜାର ଟଙ୍କା ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଏହାକୁ ଭିତ୍ତିକରି ପୋଲିସ ମାମଲା (ନଂ. ୫୪୭/୨୩) ରୁଜୁ କରିଛି। ସେହିପରି ଅର୍ଜୁନଙ୍କ ଅଭିଯୋଗ ଅନୁଯାୟୀ, ବିଭିନ୍ନ ସମୟରେ ଉନ୍ନୟନମୂଳକ କାମକୁ ନେଇ ସୁବ୍ରତ ବ୍ଲାକମେଲିଂ କରିବା ସହ ଧମକାଇ ୩,୬୦୦ ଟଙ୍କା ନେଇଥିଲେ। ଏନେଇ ଅର୍ଜୁନ ପାରାଦୀପ ଲକ୍ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ. ୫୬୮/୨୩) ରୁଜୁ କରି ତଦନ୍ତ ଜାରି ରଖିଥିଲା। ସୁବ୍ରତଙ୍କୁ କୁଜଙ୍ଗ ପୋଲିସ କୋର୍ଟ ଚାଲାଣ କରିବା ପରେ ଲକ୍ ଥାନା ପୋଲିସ ପକ୍ଷରୁ ତାଙ୍କ ବିରୋଧରେ ଥିବା ଅଭିଯୋଗ ସମ୍ପର୍କିତ କାଗଜପତ୍ର କୋର୍ଟରେ ଦାଖଲ କରାଯାଇଥିଲା।

# ଘରୁ ଚୋରି କରିନେଲେ ଦୁର୍ବୃତ୍ତ

**ରଘୁନାଥପୁର, ୨୨।୧୨ (ରାଜେନ୍ଦ୍ର ନାରାୟଣ ସିଂହ)**

## ପରିବାର ଲୋକେ ଅପେରା ଦେଖୁଥିଲେ

ପରିବାର ଲୋକେ ଅପେରା ଦେଖାରେ ମସ୍‌ଗୁଲ ଥିବାବେଳେ ଦୁର୍ବୃତ୍ତମାନେ ଘରେ ପଶି ନଗଦ ଟଙ୍କା ସହ ସୁନାଗହଣା ଚୋରି କରିନେଲେ। ଏପରି ଘଟଣା କିଶନନଗର ଥାନା ମାହାଳହାଟ ବିଟହାଉସ ଅନ୍ତର୍ଗତ ଫିଂପୁର ଗ୍ରାମରେ ଘଟିଛି। ଏ ସମ୍ପର୍କରେ ସ୍ଥାନୀୟ ୱାର୍ଡମେମ୍ବର ସୁଶୀଲକାନ୍ତ ବେଉରାଙ୍କ ବାପା ରଘୁନାଥ ବେଉରା ଥାନାରେ ଅଭିଯୋଗ କରିଛନ୍ତି। ଏହାପରେ ପୋଲିସ ମାମଲା (ନଂ.୩୧୦/୨୩ ) ରୁଜୁ କରିଛି। ଏଥିସହ ସନ୍ଧାନୀ କୁକୁର ଜରିଆରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ରଘୁନାଥଙ୍କ ଅଭିଯୋଗ ଅନୁଯାୟୀ, ଘରଠାରୁ ୫୦୦ ମିଟର ଦୂରରେ ଅପେରା ପଡ଼ିଥିଲା। ଏହାକୁ ଦେଖିବା ପାଇଁ ଘରେ ୨ଜଣ ବୃଦ୍ଧଙ୍କୁ ଛାଡି ସମସ୍ତ ପରିବାର ଲୋକେ ଯାଇଥିଲେ। ମଧ୍ୟରାତ୍ରିରେ ଦୁର୍ବୃତ୍ତମାନେ ଘରର ପଛପାର୍ଶ୍ୱ ଦେଇ ଭିତରକୁ ପଶିଥିଲେ। ସେମାନେ ୨ ଜଣ ବୃଦ୍ଧ ଶୋଇଥିବା ଘରକୁ ଲକ୍ କରି ଆଲ୍‌ମିରାରୁ ୯ଟି ସୁନାମୁଦି, ୨ମଙ୍ଗଳସୂତ୍ର, ୨ହଳ କାନଫୁଲ ଓ ପାଉଁଜ ସହ ଋଣ କରି ଆଣି ଘରେ ରଖିଥିବା ୧ ଲକ୍ଷ ୮୦ ହଜାର ଟଙ୍କା ନେଇ ପଳାଇଯାଇଛନ୍ତି ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏନେଇ ତଦନ୍ତ ଜାରି ରହିଛି ବୋଲି ଏଏସ୍ ଆଇ ଅଜୟ ମହାନ୍ତି କହିଛନ୍ତି।

# ରକ୍ତଦାନ ଶିବିର: ୪୩ ୟୁନିଟ୍ ସଂଗ୍ରହ

## ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

**ଏରସମା,୨୨।୧୨ (ଦୀପ୍ତିରଞ୍ଜନ ଖଣ୍ଡୁଆଳ )**

ଏରସମା ବ୍ଲକ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତସ୍ଥିତ ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଭାବେ ଶୁକ୍ରବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ବାଲିକୁଦା ଏରସମା ବିଧାୟକ ରଘୁନନ୍ଦନ ଦାସ ଉଦ୍‌ଘାଟନ କରିଥିଲେ। କଲେଜ ଅଧ୍ୟକ୍ଷ ଅଶୋକ କୁମାର ଗିରି, ଯୁକ୍ତ ୨ ଅଧ୍ୟକ୍ଷ ବିଭୁରଞ୍ଜନ ଦାସ, ମୋ କଲେଜ କର୍ଯ୍ୟକ୍ରମ ଅଧିକାରୀ ପ୍ରଭାତ କୁମାର ମୁଦୁଲି, ଯୁବ ନେତା ପାର୍ଥସାରଥୀ ରାଉତ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମାନସ ରଞ୍ଜନ ସେଠୀ, ଚନ୍ଦନ ମଲ୍ଲିକ, ମାନସ ରଞ୍ଜନ ସାଇଁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଧ୍ୟାପକ ଚିତ୍ତ ରଞ୍ଜନ ମହାପାତ୍ର, ଅଶୋକ କୁମାର ସାମଲ, ଯୁବ ରେଡ଼କ୍ରସ ଅଧିକାରୀ କ୍ଷେତ୍ରବାସୀ ପ୍ରଧାନ, ଜାତୀୟ ସେବା କାର୍ଯ୍ୟକ୍ରମ ଅଧିକାରୀଣୀ ଡ. ତିଥି ରାୟ, ସଞ୍ଜୀବ ରାଉତ, ଅର୍ଚ୍ଚନା ସାମଲ,ଶୁଭସ୍ମିତା ନାୟକ ପ୍ରମୁଖ କଲେଜର କର୍ମକର୍ତ୍ତା ଉପସ୍ଥିତ ହୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବିରରୁ ୪୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

# ଶାରଳାଙ୍କ ଚାପ ଡଙ୍ଗା ପାଇଁ ଆଜ୍ଞାମାଳ ଆସିଲା



ମା'ଶାରଳାଙ୍କ ଆଜ୍ଞାମାଳ ଅଣାଯାଉଛି।

**କୁଜଙ୍ଗ,୨୨।୧୨(ମନୋଜ ପ୍ରଧାନ)**

ଝଙ୍କଡ଼ସ୍ଥିତ ମା'ଶାରଳାଙ୍କ ଚାପ ଡଙ୍ଗା ନିର୍ମାଣ ପାଇଁ ଶୁକ୍ରବାର ଶାରଳା ମଣ୍ଡଳ କୈବର୍ତ୍ତ ମହାସଂଘର ଜଗତ୍‌ସିଂହପୁର ଜିଲା ସଙ୍ଗଠନକୁ ଆଜ୍ଞାମାଳା ପ୍ରଦାନ କରାଯାଇଛି। ଜିଲା ସଭାପତି ପ୍ରହଲ୍ଲାଦ ଚନ୍ଦ୍ର ବେହେରା, ଲକ୍ଷ୍ମୀପ୍ରିୟା ବେହେରା ଶୁକ୍ରବାର ମା'ଙ୍କ ନିକଟରେ ପୂଜା ଓ ହୋମଯଜ୍ଞ କରିବା ସହ ଆଜ୍ଞାମାଳ ଗ୍ରହଣ କରିଥିଲେ। ଏହାକୁ ଚଉମୁହାଁଣୀସ୍ଥିତ ରାମଚଣ୍ଡୀ ବିଲ୍ଡର୍ସ ନିକଟରେ ସ୍ଥାପନା କରାଯାଇଛି। ପ୍ରକାଶଯୋଗ୍ୟ, ମା'ଙ୍କ ଚାପଖେଳରେ ବ୍ୟବହୃତ ହେଉଥିବା ଡଙ୍ଗା ଜରାଜୀର୍ଣ୍ଣ ହୋଇପଡ଼ିଥିଲା। ଏନେଇ ନୂତନ ଡଙ୍ଗା ଆବଶ୍ୟକ ହେଉଥିଲା। ଏହାକୁ ଦୃଷ୍ଟିରେ ରଖି ଶାରଳା ମଣ୍ଡଳ କୈବର୍ତ୍ତ ମହାସଂଘ ଜଗତ୍‌ସିଂହପୁର ଜିଲା ଶାଖା ପକ୍ଷରୁ ଏନେଇ ପଦକ୍ଷେପ ନିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ନିଖିଳ ଓଡ଼ିଶା କୈବର୍ତ୍ତ ମହାସଂଘର ଜିଲା ସଭାପତି କୈଳାସଚନ୍ଦ୍ର ବେହେରା, ଜିଲାପରିଷଦ ସଦସ୍ୟା ପୁଷ୍ପଲତା ବେହେରା, ଅଧିକାରୀ ବଂଶୀଧର ଦାସ, ମିହିର ବେହେରା, କାର୍ଯ୍ୟକାରୀ ସମ୍ପାଦକ ଅମର ଦାସ, ସମ୍ପାଦକ ମନୋରଞ୍ଜନ ଦଳାଇ, କୋଷାଧ୍ୟକ୍ଷ ପ୍ରଦୀପ ବେହେରା ପ୍ରମୁଖ ଯୋଗଦେଇଥିଲେ।

# ୩ ଜାନୁୟାରୀରେ ହାଫ୍ ମାରାଥନ

**ପାରାଦୀପ,୨୨।୧୨ (ଶରତ ରାଉତ)**

ଜାନୁୟାରୀ ୩ରେ ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ପ୍ରତିଷ୍ଠା ଦିବସ ପାଳନ କରାଯିବ। ଏହି ଅବସରରେ ହାପ୍ ମାରାଥନ ଅନୁଷ୍ଠିତ ହେବ ବୋଲି ବନ୍ଦର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଉକ୍ତ ମାରାଥନ ବନ୍ଦରର ୫ ନମ୍ବର ଗେଟ୍ ପାଖ ହନୁମାନ ମନ୍ଦିରଠାରୁ ଆରମ୍ଭ ହୋଇ ବନ୍ଦରାଞ୍ଚଳରେ ୧୪ କିମି ଅତିକ୍ରମ କରି ଗୋପବନ୍ଧୁ ଷ୍ଟାଡିୟମରେ ଶେଷ ହେବ। ଏଥିରେ ରାଜ୍ୟର ୧୮ ରୁ ୪୦ ବର୍ଷ ମଧ୍ୟରେ ଥିବା ଯୁବତୀଯୁବକ ଏଥିପାଇଁ ସ୍ୱତନ୍ତ୍ର ଭାବେ ଆବେଦନ କରିପାରିବେ। ଯୁବତୀ ବର୍ଗରେ ୩୦ ଟଙ୍କା ଓ ଯୁବକ ବର୍ଗରେ ୫୦ ଟଙ୍କା ପଞ୍ଜୀକରଣ ଅର୍ଥ ଦେବାକୁ ହେବ। ଏଥିରେ ଭାଗ ନେଉଥିବା ସମସ୍ତ କ୍ରୀଡ଼ାବିତଙ୍କୁ ରହିବା, ଖାଇବା ଓ ପୋଷାକ ବନ୍ଦର ପକ୍ଷରୁ ଦିଆଯିବ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ପ୍ରଥମରୁ ଷଷ୍ଠ ସ୍ଥାନ ପର୍ଯ୍ୟନ୍ତ ଯଥାକ୍ରମେ ୧୪୦୦୦, ୧୦,୫୦୦, ୭୦୦୦, ୩୦୦୦, ୧୫୦୦ ଓ ୧୦୦୦ ଟଙ୍କା ଦିଆଯିବ। ଏଥିସହ ୧୫୦ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ଦିଆଯିବ। ଏଥିସହ ପ୍ରତିଷ୍ଠା ଦିବସରେ ଅନ୍ୟ କାର୍ଯ୍ୟକ୍ରମ କରାଯିବ ବୋଲି ବନ୍ଦର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# ପାରାଦୀପରେ ଯୁଗ୍ମ ଅଯୁଗ୍ମ ଜଳ ଯୋଗାଣ

## ପାନୀୟ ଜଳ ସଙ୍କଟ

**ପାରାଦୀପ,୨୨।୧୨(ଶରତ ରାଉତ)**



ତାଳଦଣ୍ଡା କେନାଲ।

ପାରାଦୀପ ବନ୍ଦରରେ ସହରରେ ଜଳସଙ୍କଟ ଦେଖାଦେଇଛି। ତାଳଦଣ୍ଡା କେନାଲ ନବୀକରଣ କାମ ଚାଲୁଥିବାର ଏପରି ଅସୁବିଧା ହୋଇଥିବା ବନ୍ଦର ପ୍ରଶାସନ ପକ୍ଷରୁ କୁହାଯାଇଛି। ଏନେଇ ଶନିବାରଠାରୁ ଯୁଗ୍ମ ଓ ଅଯୁଗ୍ମଭାବେ ଜଳ ଯୋଗାଣ ହେବ ବୋଲି ବନ୍ଦର ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରାଯାଇଛି। ଏହି ଅନୁଯାୟୀ, ଦିନେ ଥରେ ଏବଂ ପରଦିନ ୨ ଥର ଜଳ ଯୋଗାଣ କରାଯିବ। ପାରାଦୀପ ବନ୍ଦର ସହରରେ ୨୦୧୩ରୁ ପାନୀୟ ଜଳସଙ୍କଟ ଲାଗି ରହିଛି। ଏଥିପାଇଁ ପ୍ରାୟ ୬ ମାସ ପର୍ଯ୍ୟନ୍ତ ବନ୍ଦରାଞ୍ଚଳରେ ରହୁଥିବା ଲୋକଙ୍କୁ ଯୁଗ୍ମ ଅଯୁଗ୍ମ ଜଳ ଯୋଗାଣ କରାଯାଉଛି। ବର୍ଷାଦିନେ କେନାଲରେ ଓ ଜଳାଶୟରେ ଭରପୁର ଜଳଥିଲା। ଏଥିଯୋଗୁ ସ୍ୱାଭାବିକ ଭାବେ ୨ ଥର ଜଳ ଯୋଗାଣ ହୋଇପାରୁଥିଲା। ଏବେ ପୁନର୍ବାର ଯୁଗ୍ମ ଅଯୁଗ୍ମ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଏଭଳି ଧାରା ୨୦୨୪ ବର୍ଷାଦିନ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ, ଏପରି ସ୍ଥିତି ୧୦ ବର୍ଷ ହେବ ଲାଗି ରହିଛି। ବନ୍ଦର ଜଳାଶୟ ମଧ୍ୟରେ ଯେତିକି ପାଣି ଅଛି ତାକୁ ଏପରି ପରିଚାଳନା କରି ୬ ମାସ ଚଳିବା ପାଇଁ ଏହା କରାଯାଉଛି।୧୭୫ ଏକର ବିଶିଷ୍ଟ ଜଳାଶୟ ଏବେ କିଛିକାଂଶରେ ପୋତିହୋଇ ଗଲାଣି। ସେଥିରେ ଜଳଧାରଣ କ୍ଷମତା କମିଯାଇଛି। ଅପରପକ୍ଷେ କେନାଲ ପାଣି ବନ୍ଦ ରହୁଛି। ଖରାଦିନେ ରାହାମା ପାଖ ଚୌଧୁରୀ ଗଡା ପାଖରୁ ମହାନଦୀ ପାଣି ମୋଟର ଯୋଗେ ଉଠାଇ ପାରାଦୀପର ଶିଳ୍ପ ସଂସ୍ଥାଗୁଡ଼ିକ ଚଳୁଛନ୍ତି।


**ଓଡ଼ିଶା ସରକାର**

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର**

**ଅଧିସୂଚନା**

**File No.COL/JAJ/VIIL-38/2022/12724/(Civil) dated 06.11.2023**

No.XXIV-35:- ଯେହେତୁ ଓଡ଼ିଶା ସରକାରଙ୍କ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାରେ ରେଡ୍‌କ୍ରସ୍ ଛକଠାରୁ ମକେଇପୁର ପର୍ଯ୍ୟନ୍ତ ଚାରି ଥାକ ବିଶିଷ୍ଟ ରାସ୍ତାର ଉନ୍ନତୀକରଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା- ମକେଇପୁର, ଥାନା- ଯାଜପୁର ନଂ.୩୩, ତହସିଲ- ଯାଜପୁର, ଜିଲ୍ଲା- ଯାଜପୁରରେ ନିମ୍ନ ତଫସିଲ ମତେ ପ୍ରାୟ ଏ୦.୬୯୦ଡି. ଭୂମି ଅର୍ଜନ ଆବଶ୍ୟକ ହେଉଅଛି। ତେଣୁ ନ୍ୟାୟୋଚିତ କ୍ଷତି ପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀତରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଇଅଛି।

ନ୍ୟାୟୋଚିତ କ୍ଷତି ପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଯାଜପୁର ଜିଲ୍ଲାରେ ରେଡ୍‌କ୍ରସ୍ ଛକଠାରୁ ମକେଇପୁର ପର୍ଯ୍ୟନ୍ତ ଚାରି ଥାକ ବିଶିଷ୍ଟ ରାସ୍ତାର ଉନ୍ନତୀକରଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଅଧୀକ୍ଷଣ ଯନ୍ତ୍ରୀ, ପାଣିକୋଇଲି (ରାସ୍ତା ଓ କୋଠାବାଡ଼ି) ବିଭାଜନ, ପାଣିକୋଇଲି।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ଯାଜପୁର ଜିଲ୍ଲାରେ ରେଡ୍‌କ୍ରସ୍ ଛକଠାରୁ ମକେଇପୁର ପର୍ଯ୍ୟନ୍ତ ଚାରି ଥାକ ବିଶିଷ୍ଟ ରାସ୍ତାର ଉନ୍ନତୀକରଣ ନିମନ୍ତେ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଓଡ଼ିଶା ସରକାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା ୩୬୯୬୮/୧୭।୧୦।୨୦୨୩ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପଜିଲ୍ଲାପାଳ, ଯାଜପୁର।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଯାଜପୁର | ଯାଜପୁର | ମକେଇପୁର | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୧.୫୧ଡି. | ଏ.୦.୬୯୦ଡି. | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ ତଥା ତହସିଲଦାର ଯାଜପୁର, ତହସିଲଦାର, ଯାଜପୁରଙ୍କ କାର୍ଯ୍ୟାଳୟ, ଯାଜପୁରରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦିତ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଜିଲ୍ଲାପାଳ, ଯାଜପୁର**

**ଭୂମି ଅନୁସୂଚୀ**

**ପ୍ରକଳ୍ପ- ରେଡ୍‌କ୍ରସ୍ ଛକଠାରୁ ମକେଇପୁର ପର୍ଯ୍ୟନ୍ତ ଚାରି ଥାକ ବିଶିଷ୍ଟ ରାସ୍ତାର ଉନ୍ନତୀକରଣ**
**ମୌଜା- ମକେଇପୁର, ଥାନା ନଂ. -୩୩, ଥାନା/ତହସିଲ/ଜିଲ୍ଲା- ଯାଜପୁର**

| କ୍ରମିକ ନଂ. | ଖାତା ନଂ. | ପ୍ଲଟ୍ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ପ୍ରଜାଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୯ | ୪୩୭ | ୦.୦୬୦ | ୦.୦୬୦ | ଶାରଦ ଜଳ ଦୋଫସଲ-୧ | ଶ୍ରୀ ଜନକେଶ୍ୱର ମହାଦେବ ବିଜେ ନିଜଗାଁ ଗ୍ରାମବାସୀଙ୍କ ତରଫରୁ ମାର୍ଫତ କସ୍ତୁରୀ ରାଉତ, ପି. ସିଦ୍ଧ ରାଉତ, ଜା. ଖଣ୍ଡାୟତ, ବା. ନିଜଗାଁ |
| ୨ | ୧୦୦/୩୧ | ୪୩୮ | ୦.୦୫୦ | ୦.୦୫୦ | ଘରବାରି | ଜ୍ୟୋତି ପ୍ରକାଶ ପଣ୍ଡା, ପି. ବୃନ୍ଦାବନ ପଣ୍ଡା, ଜା. ବ୍ରାହ୍ମଣ, ବା. ଖଇବାବାଦ, ହା. ବା. ଝରାବାହାଲ, ଜି. ନବରଙ୍ଗପୁର |
| ୩ | ୧୦୦/୧୦୬ | ୪୩୯ | ୦.୨୧୦ | ୦.୦୮୦ | ଘରବାରି | ରଶ୍ମି ରଂଜନ ମହାପାତ୍ର, ସଂଜୟ କୁମାର ମହାପାତ୍ର, ବିଜୟ କୁମାର ମହାପାତ୍ର, ପି. ନାରାୟଣ ମହାପାତ୍ର, କନକ ମହାପାତ୍ର, ପି. ବନମାଳି ଓଝା, ଜା. କମାର, ବା. ଗୋପାଳପୁର |
| ୪ | ୧୦୦/୩୦ | ୪୪୦ | ୦.୦୫୦ | ୦.୦୫୦ | ଘରବାରି | ଶରତ କୁମାର ମିଶ୍ର, ପି. ରାମଚନ୍ଦ୍ର ମିଶ୍ର, ଜା. ବ୍ରାହ୍ମଣ, ବା. ଆଙ୍କୁଲା |
| ୫ | ୧୦୦/୩୦ | ୪୪୧ | ୦.୧୦୦ | ୦.୧୦୦ | ଘରବାରି | ଶରତ କୁମାର ମିଶ୍ର, ପି. ରାମଚନ୍ଦ୍ର ମିଶ୍ର, ଜା. ବ୍ରାହ୍ମଣ, ବା. ଆଙ୍କୁଲା |
| ୬ | ୧୦୦/୯ | ୪୪୩ | ୦.୦୭୦ | ୦.୦୫୦ | ଶାରଦ ଜଳ ଦୋଫସଲ-୧ | ବିଶ୍ୱନାଥ ମଲ୍ଲିକ, ପି. ଜଗବନ୍ଧୁ ମଲ୍ଲିକ, ଜା. ଖଣ୍ଡାୟତ, ବା. ତଳିହା |
| ୭ | ୧୦୦/୯ | ୪୪୪ | ୦.୧୭୦ | ୦.୦୫୦ | ଶାରଦ ଜଳ ଦୋଫସଲ-୧ | ବିଶ୍ୱନାଥ ମଲ୍ଲିକ, ପି. ଜଗବନ୍ଧୁ ମଲ୍ଲିକ, ଜା. ଖଣ୍ଡାୟତ, ବା. ତଳିହା |
| ୮ | ୮୦ | ୪୪୫ | ୦.୩୪୦ | ୦.୧୫୦ | ଶାରଦ ଜଳ ଦୋଫସଲ-୧ | ରାଧାମଣି ରାଉତ, ପି. ଶିବ ରାଉତ, ଜା. ଖଣ୍ଡାୟତ, ବା. ନିଜଗାଁ |
| ୯ | ୬୫ | ୪୪୭ | ୦.୪୧୦ | ୦.୦୫୦ | ଶାରଦ ଜଳ ଦୋଫସଲ-୧ | ଭାନୁମତି ରାଉତ, ସ୍ୱା. ସନାତନ ରାଉତ, ଜା. ଖଣ୍ଡାୟତ, ବା. ନିଜଗାଁ |
| ୧୦ | ୮୭ | ୪୪୮ | ୦.୦୫୦ | ୦.୦୫୦ | ଶାରଦ ଜଳ ଦୋଫସଲ-୧ | ସନାତନ ରାଉତ, କାହ୍ନୁଚରଣ ରାଉତ, ପି. ନବୀନ ରାଉତ, ଜା. ଖଣ୍ଡାୟତ, ବା. ନିଜଗାଁ |
| | | ମୋଟ | | ୦.୬୯୦ | | |

**ସ୍ୱା./- ଭୂ-ଅର୍ଜନ ଅଧିକାରୀ (ସିଭିଲ), ଯାଜପୁର**

OIPR-24163/14/0039/2324

